ସକାଳ THE SAKALA



# ପ୍ରସିଦ୍ଧ ଚନ୍ଦନେଶ୍ୱର ଚଡ଼କ ପର୍ବରେ ନବମ ଅର୍ଘ୍ୟ ସମ୍ପନ୍ନ

ଚନ୍ଦନେଶ୍ୱର, ୫।୪ (ସମିସ)



ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ପୂର୍ବଭାରତର ଅତ୍ୟନ୍ତ ପ୍ରସିଦ୍ଧ ଶ୍ରୀ ଚନ୍ଦନେଶ୍ୱର ଜୀଉଙ୍କର ବିଶ୍ୱବିଖ୍ୟାତ ଚଡ଼କ ପର୍ବ ଅବସରରେ ଆଜି ନବମ ଅର୍ଘ୍ୟ ବିଧିବଦ୍ଧ ଭାବେ ସମ୍ପନ୍ନ ହୋଇଛି। ଏହି ପାରମ୍ପରିକ ପର୍ବ ୧୧ ଦିନ ଧରି ଧାର୍ମିକ ଉତ୍ସାହ ଓ ଭକ୍ତିମୟ ପରିବେଶରେ ପାଳନ କରାଯାଉଛି। ପୁରାତନ ପରମ୍ପରା ଓ ନିୟମାନୁସାରେ ଚୈତ୍ର ମାସର ୧୯ତମ ଦିନ, ଏପ୍ରିଲ ୩ ତାରିଖ ଶୁକ୍ରବାର ଠାରୁ ଆରମ୍ଭ ହୋଇଥିବା ଏହି ପର୍ବ ଆଜି ନବମ ଅର୍ଘ୍ୟରେ ପଦାର୍ପଣ କରିଛି। ଏହି ଅବସରରେ ମୁଖ୍ୟ ଶ୍ରୀବେକଟି ଉପବିତ ଧାରଣ କରିବା ପରେ ସନ୍ଧ୍ୟାବେଳେ ପାଟଭକ୍ତ ହରିହର ସାହୁ, ଶ୍ରୀବେକଟି ନିରଞ୍ଜନ ଲେଙ୍କା ଓ ଦେଉଳିଆ ଅଜିତ ପାତ୍ରଙ୍କ ସମେତ ୧୩ ଜଣ ମୁଖ୍ୟ ଉପବିତଧାରୀଙ୍କ ନେତୃତ୍ୱରେ ଏକ ଭବ୍ୟ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ମୌରସୀ ତପନ କୁମାର ପଣ୍ଡା, ଉପମୌରସୀ ବୁଦ୍ଧଦେବ ପଣ୍ଡା ଏବଂ ଶତାଧିକ ଉପବିତଧାରୀ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଗ୍ରାମ୍ୟ ପରିକ୍ରମା କରିଥିଲେ। ପାରମ୍ପରିକ ବାଦ୍ୟଯନ୍ତ୍ରଢୋଲ, ମୃଦଙ୍ଗ ଓ ଶଙ୍ଖଧ୍ୱନିର ମଧୁର ତାଳରେ ଭକ୍ତମାନେ ନୃତ୍ୟ ଓ ଗୀତରେ ମଗ୍ନ ହୋଇ ହର ହର ମହାଦେବ ଧ୍ୱନିରେ ପରିବେଶକୁ ଆନ୍ଦୋଳିତ କରିଥିଲେ। ଏହି ଶୋଭାଯାତ୍ରା ବିନ୍ଧାପଦ୍ମପୁର ଗ୍ରାମରେ ଅବସ୍ଥିତ ଜାହାଜୀ ଠାକୁରାଣୀଙ୍କ ପୀଠକୁ ପହଞ୍ଚିଥିଲା। ଯେଉଁଠାରେ ପ୍ରଥମ ବେକଟା ନୃତ୍ୟ ଅନୁଷ୍ଠିତ ହେବା ପରେ ସମସ୍ତେ ପୁନର୍ବାର ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଥିଲେ। ଏହି ପର୍ବର ସୁଚାରୁ ପରିଚାଳନା ପାଇଁ ଜିଲ୍ଲା ପ୍ରଶାସନ, ଭୋଗରାଇ ପ୍ରଶାସନ ଓ ମନ୍ଦିର ସେବାୟତମାନେ ସଚେତନ ଓ ସକ୍ରିୟ ଭାବେ କାର୍ଯ୍ୟରତ ରହିଥିଲେ। ଟ୍ରଷ୍ଟ ବୋର୍ଡର ନିର୍ବାହୀ ଅଧିକାରୀ ତଥା ଭୋଗରାଇ ତହସିଲଦାର ସୂର୍ଯ୍ୟ କୁମାର ନାୟକ, ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ଉପସ୍ଥିତ ରହିଥିଲେ। ମନ୍ଦିରର ନିୟମିତ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ନବମ ଅର୍ଘ୍ୟଦାନ କାର୍ଯ୍ୟକ୍ରମ ଶାନ୍ତିପୂର୍ଣ୍ଣ ଭାବେ ଶେଷ ହୋଇଥିଲା। ଭକ୍ତମାନଙ୍କ ଭକ୍ତି, ଶ୍ରଦ୍ଧା ଓ ଉତ୍ସାହରେ ଚଡ଼କ ପର୍ବର ଏହି ପର୍ଯ୍ୟାୟ ଏକ ସ୍ମରଣୀୟ ଅନୁଭୂତି ସୃଷ୍ଟି କରିଛି।

## ନାବରା ବାବା କଇଁତେଶ୍ୱର ମହାଦେବଙ୍କ ଚଡ଼କ ଯାତ୍ରା



ରାଜଘାଟ, ୫।୪ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନାବରା ଠାରେ ଥିବା ବାବା କଇଁତେଶ୍ୱର ମହାଦେବଙ୍କ ଚଡକ ଯାତ୍ରା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଆଖପାଖ ଅଞ୍ଚଳ। ଉତ୍ତର ଓଡ଼ିଶାର ବିଭିନ୍ନ ପ୍ରସିଦ୍ଧ ଶୈବପୀଠରୁ ଅନ୍ୟତମ ଶୈବପୀଠ ହେଉଛି ନାବରା ଶୈବପୀଠ। ମହାଦେବଙ୍କ ମନ୍ଦିର ନିକଟରେ କଇଁଥ ଗଛ ଥିବାରୁ ଏହା କଇଁତେଶ୍ୱର ମହାଦେବଙ୍କ ନାମରେ ନାମିତ ହୋଇଛି। ଗତ ବର୍ଷ ଅପେକ୍ଷା ଚଳିତବର୍ଷ ମହାଦେବଙ୍କ ୧୯ ବେଶ ସହିତ ୨୦ ଫୁଟ ଉଚ୍ଚର ବାବାଙ୍କ ଲିଙ୍ଗ ନିର୍ମିତ ହେବ ବୋଲି ମନ୍ଦିର କମିଟି ତରଫରୁ ସୂଚନା ଦେଇଛନ୍ତି। ଏହି ଉତ୍ସବ ୧୧ ତାରିଖରୁ ଆରମ୍ଭ ହୋଇ ୧୭ ତାରିଖରେ ଶେଷ ହେବ। ବିଶେଷ କରି ଚଡକ ଯାତ୍ରାର ନୀଳ ପର୍ବ ଏବଂ ପାଟ ପର୍ବ ଦେଖିବା ପାଇଁ ଆଖପାଖ ଅଞ୍ଚଳର ହଜାରହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ। ଏହାକୁ ଆଖି ଆଗରେ ରଖି କମିଟି ତରଫରୁ ସଜାଗ ରହିଛନ୍ତି। ୧୦୦ରୁ ଊର୍ଦ୍ଧ୍ୱ ଭକ୍ତା ପଇତା ଧାରଣ କରିଛନ୍ତି। ଏଥିରେ ପାଟଭକ୍ତା ସୁଦ୍ଧାକୃଷ୍ଣ କର, ଗ୍ରାମର ମୁଖିଆ ବିକର୍ତ୍ତନ ଜେନା, ରାମଚନ୍ଦ୍ର ପାତ୍ର, ଅରୁଣ ମହାନ୍ତି, ନଗେନ୍ଦ୍ର କୁମାର ସିଂହ, ମୃତ୍ୟୁଞ୍ଜୟ ମହାନ୍ତି, ନରହରି ମହାନ୍ତି ଏବଂ ବାଇଧର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱରରେ କାଳବୈଶାଖୀ

ବାଲେଶ୍ୱର, ୫।୪(ସମିସ): ଆଜି ଅପରାହ୍ନରେ ବାଲେଶ୍ୱରରେ କାଳବୈଶାଖୀ ହୋଇଛି। ଏହାର ପ୍ରଭାବରେ ଜୋର ଘଡଘଡି ସାଙ୍ଗକୁ ବର୍ଷା ଓ ପବନ ହୋଇଛି। ଆଜି ଅପରାହ୍ନ ୪ଟା ଠାରୁ କାଳ ବୈଶାଖୀ ପ୍ରଭାବରେ ଜୋର ପବନ ବୋହିବା ଆରମ୍ଭ କରିଥିଲା। ଏହା ୫ଟା ୩୦ମିନିଟ ପର୍ଯ୍ୟନ୍ତ ହୋଇଥିଲା। ଏହାପରେ ବର୍ଷା ସାଙ୍ଗକୁ ଜୋର ଘଡଘଡି ମାରିଥିଲା। ହେଲେ ଏହି କାଳବୈଶାଖୀ ପ୍ରଭାବରେ ସହରରେ କୌଣସି ପ୍ରକାର କ୍ଷୟକ୍ଷତି ହୋଇନଥିବା ଜଣାଯାଇଛି।

## ଔପଦା ବ୍ଲକସ୍ତରୀୟ ଖଡ଼ି ଛୁଆଁ ଓ ପ୍ରବେଶ ଉତ୍ସବରେ ବ୍ୟତିକ୍ରମ

ଔପଦା, ୫।୪(ସମିସ): ରାଜ୍ୟ ସରକାର ଶିକ୍ଷା ବ୍ୟବସ୍ଥାର ସୁଦୃଢ଼ିକରଣ ଏବଂ ଶତପ୍ରତିଶତ ନାମଲେଖା ପାଇଁ ବ୍ୟାପକ ପଦକ୍ଷେପ ନେଉଥିବା ବେଳେ ଔପଦା ବ୍ଲକରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳିଛି। ଔପଦା ପିଏମଶ୍ରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ବ୍ଲକ ସ୍ତରୀୟ କାର୍ଯ୍ୟକ୍ରମରେ ଅବ୍ୟବସ୍ଥା ପରିଲକ୍ଷିତ ହୋଇଛି। କାର୍ଯ୍ୟକ୍ରମକୁ ବ୍ଲକ ଉପାଧ୍ୟକ୍ଷ ପ୍ରଭାକର ସାହୁ ଉଦଘାଟନ କରିଥିବା ବେଳେ ଏଥିରେ ବି.ଇ.ଓ. ନାରାୟଣ ଦାସ, ବିଧାୟକଙ୍କ ପ୍ରତିନିଧି ତଥା ଅବସରପ୍ରାପ୍ତ ଶିକ୍ଷକ ଭଗବାନ ଚରଣ ନାୟକ, ଏ.ବି.ଓ. ରତ୍ନାକର ଦାସ, ସୀତା ହାଁସଦା ଏବଂ ପି.ଏମ. ଶ୍ରୀ ବିଦ୍ୟାଳୟର ଆଲୁମନି ସଭାପତି ଡଃ ହରପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମଟିକୁ ପ୍ରଧାନ ଶିକ୍ଷୟତ୍ରୀ ସସ୍ମିତା ଦାସ ପରିଚାଳନା କରିଥିଲେ। ତେବେ ଅଭିଯୋଗ ହେଉଛି ଯେ, ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ସମ୍ପର୍କରେ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କୌଣସି ସୂଚନା ଦିଆଯାଇ ନ ଥିଲା। ସରକାରୀ ନିର୍ଦ୍ଦେଶାବଳୀକୁ ଏଠାରେ ଉପେକ୍ଷା କରାଯାଇଥିବା ଜଣାପଡ଼ିଛି।

## ନ୍ୟାୟ ପାଇଁ ଧାରଣା ଦେବେ ଫରେଷ୍ଟଗାର୍ଡଙ୍କ ପରିବାର

ନୀଳଗିରି, ୫।୪(ସମିସ): କୁଲଡିହା ରେଞ୍ଜରଙ୍କ ଅମାନବୀୟ ମାଡ଼ ଏବଂ ଅତ୍ୟାଚାର ବିରୋଧରେ ଶେଷରେ ନ୍ୟାୟ ପାଇଁ ଧାରଣାଦେବେ ପୀଡିତ ଫରେଷ୍ଟଗାର୍ଡଙ୍କ ପରିବାର। ଏ ନେଇ ପୂର୍ବତନ ବିଧାୟକ ତଥା ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ବାସଭବନରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଫରେଷ୍ଟଗାର୍ଡଙ୍କ ପତ୍ନୀ ଦୀପ୍ତିମୟୀ ପାତ୍ର। ଗତ ମାର୍ଚ୍ଚ ୨୫ତାରିଖ ରାତି ପ୍ରାୟ ୧୨ଟା ସମୟରେ ନୀଳଗିରି କୁଲଡିହା ଭାରାପ୍ରାପ୍ତ ରେଞ୍ଜ ଅଧିକାରୀ ତଥା ଏସିଏଫ୍ ସୁବ୍ରତ କୁମାର ବେହେରା ନିଜର ୨୦ରୁ ୨୫ ବନକର୍ମଚାରୀଙ୍କ ସହିତ ଏକ ରେଡ୍ ସାରି ଫେରୁଥିବା ବେଳେ ମୟୂରଭଞ୍ଜ ଝିଙ୍କିପଦାରୁ ନିଜ ନୀଳଗିରି ଭଡ଼ାଘରକୁ ଫେରୁଥିବା ଉପରଡିହା ଗ୍ରାମର ଜିଲ୍ଲାବନବିଭାଗ କାର୍ଯ୍ୟାଳୟର ନିଲମ୍ବିତ ଫରେଷ୍ଟଗାର୍ଡ ପଦ୍ମଲୋଚନ ପାତ୍ର ଏବଂ ତାଙ୍କ ସାଥୀ ବିଦ୍ୟୁତ୍ ବିଭାଗର କର୍ମଚାରୀ କ୍ଷୀରୋଦ ଦାସଙ୍କୁ ଗାଡ଼ି ଓଭରଟେକ୍‌କୁ ନେଇ ନିଷ୍ଠୁର ମାଡ଼ମାରିଥିଲେ। ଫଳରେ ପଦ୍ମଲୋଚନଙ୍କ ବାମହାତ ଭାଙ୍ଗିଯିବା ସହ ପିଠିରେ ମାଡ଼ର ଚିହ୍ନ ଦେଖିବାକୁ ମିଳିଥିଲା। ଉଭୟଙ୍କୁ ଖୋଦ୍ ରେଞ୍ଜର ଏବଂ ସହକର୍ମୀ ବନକର୍ମଚାରୀ ବରହମପୁର ଥାନାକୁ ନେଇ ଏକ ଲିଖିତ ସମାଧାନ ପତ୍ର ଲେଖାଇ ନେଇଥିଲେ। ମାତ୍ର ଯନ୍ତ୍ରଣାରେ ଛଟପଟ ପଦ୍ମଲୋଚନ ଏବଂ କ୍ଷୀରୋଦଙ୍କୁ ହସ୍ପିଟାଲକୁ ନନେଇ ଛାଡିଚାଲି ଯାଇଥିବା ବେଳେ ପରିବାରଲୋକେ ବାଲେଶ୍ୱର ମେଡିକାଲ କଲେଜକୁ ନେଇ ଚିକିତ୍ସା କରାଇଥିଲେ। ଏପରିକି ପରବର୍ତ୍ତୀଦିନ ୨୬ତାରିଖ ଏସିଏଫ୍ ସୁବ୍ରତ ବେହେରା ମେଡିକାଲ ଯାଇ ମାମଲାକୁ ରଫାଦଫା କରିବାକୁ ଚେଷ୍ଟାକରି ଆକ୍ରମଣର ଶିକାର ହୋଇଥିଲେ। ଏ ନେଇ ପଦ୍ମଲୋଚନଙ୍କ ପତ୍ନୀ ଏବଂ କ୍ଷୀରୋଦଙ୍କ ପରିବାର ତରଫରୁ ବରହମପୁର ଥାନାରେ ଅଭିଯୋଗ ହୋଇଥିଲେ ହେଁ ପୁଲିସ କୌଣସି ପଦକ୍ଷେପ ନେଇନଥିବା ବେଳେ ବାଲେଶ୍ୱର ଡିଏଫ୍‌ଓ ମଧ୍ୟ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲେ। ତେଣୁ ନିଜକୁ ଅସୁରକ୍ଷିତ ଏବଂ ନ୍ୟାୟପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ନିକଟକୁ ପତ୍ର ଲେଖିଥିବା ବେଳେ ଆଜି ନୀଳଗିରି ଏସଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ବନ୍ଧୁବାନ୍ଧବଙ୍କ ସହିତ ଶାନ୍ତିପୂର୍ଣ୍ଣ ଧାରଣାଦେବାକୁ ସାମ୍ବାଦିକ ସମ୍ମିଳନୀରେ ପଦ୍ମଲୋଚନଙ୍କ ପତ୍ନୀ ଦୀପ୍ତିମୟି ପାତ୍ର ସୂଚନା ଦେଇଛନ୍ତି। ଗଡ଼ଜାତ ମାଟିର ସ୍ୱାଭିମାନ ଏବଂ ଜଣେ ହରିଜନ ସମ୍ପ୍ରଦାୟର ମହିଳାଙ୍କ ଅଧିକାର ପାଇଁ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀ ନିଜର ସମର୍ଥନ ଦେଇ ଧାରଣାରେ ସହଯୋଗ କରିବେ ବୋଲି ସୂଚନା ଦେଇଛନ୍ତି।

## ଜଳେଶ୍ୱର ବ୍ଲକସ୍ତରୀୟ ଖଡ଼ିଛୁଆଁ

ଜଳେଶ୍ୱର, ୫।୪ (ସମିସ): ଜଳେଶ୍ୱର ବ୍ଲକ ସ୍ତରୀୟ ଶାନ୍ତିଆ ସରକାରୀ ଉ ପ୍ରା ବିଦ୍ୟାଳୟ ପରିସରରେ ଖଡ଼ିଛୁଆଁ, ପ୍ରବେଶ ଉତ୍ସବ ସହିତ ସଚେତନତା ରଥର ଉଦଘାଟନ ଉତ୍ସବ ହୋଇଯାଇଛି। ଜଳେଶ୍ୱର ଗୋଷ୍ଠୀ ଶିକ୍ଷା ଅଧିକାରୀ ଜଗବନ୍ଧୁ ଜେନାଙ୍କ ଅଧ୍ୟକ୍ଷତାରେ ବାଲେଶ୍ୱର ଜିଲ୍ଲା ପରିଷଦ ଉପାଧ୍ୟକ୍ଷା ଅନୁସୟା ପ୍ରଧାନ ଉଦଘାଟକ ତଥା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିବା ବେଳେ ବ୍ଲକ ଅଧ୍ୟକ୍ଷ ମାନସ କୁମାର ଜେନା, ନଗରପାଳ ପ୍ରତୀପ କୁମାର ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା ସଞ୍ଚିତା ସେନାପତି, ବ୍ଲକ ଶିକ୍ଷା କମିଟିର ଅଧ୍ୟକ୍ଷା ଅନୀତା ମହାନ୍ତି, ବିଆରସିସି ସୁଶାନ୍ତ କୁମାର ଜେନା, ଏବିଇଓ ଜ୍ୟୋତ୍ସ୍ନା ରାଣୀ ପ୍ରଧାନ, ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ କରଣ ସିଆରସିସି ଅଜିତ୍ କୁମାର ପାତ୍ର, ସୁବ୍ରତ ସେନାପତି, ଭାରତୀ ବେହେରା, ମାନସ କୁମାର ଦାସ ଓ ରମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଚନ୍ଦନ ସେଠୀ, ଦିଲ୍ଲୀପ ସେଠୀ, ମିନତୀ ରାଣୀ ଜେନା, ପୂର୍ଣ୍ଣିମା ପାତ୍ର, ଶ୍ୟାମସୁନ୍ଦର ଦେ, ରଶ୍ମିରେଖା ମହାନ୍ତି, ଅଜିତ ପାତ୍ର ପ୍ରମୁଖ ସହଯୋଗ କରିଥିଲେ। ସଚେତନତା ରଥକୁ ଅଭ୍ୟର୍ଥନା କରିବା ସହିତ ଅତିଥି ମାନେ ପତାକା



ହଲାଇ ଶୁଭାରମ୍ଭ କରିଥିଲେ। ଉକ୍ତ ସଚେତନତା ରଥ ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତରେ ଆଜି ଠାରୁ ୪ ଦିନ ଧରି ବୁଲି ବୁଲି ଶିକ୍ଷାର ବାର୍ତ୍ତା ପ୍ରଚାର କରିବ ବୋଲି ସୂଚନା ଦିଆ ଯାଇଛି।

## ଭୋଗରାଇ କ୍ରିକେଟ ଏକାଡେମୀର କଂକ୍ରିଟ ପିଚ୍ ଉଦ୍‌ଘାଟିତ

ଭୋଗରାଇ, ୫।୪ (ସମିସ): ଭୋଗରାଇ କ୍ରିକେଟ ଏକାଡେମୀର ଦ୍ୱିତୀୟ କଂକ୍ରିଟ ପିଚ ରବିବାର ଉଦଘାଟିତ ହୋଇଯାଇଛି।



ବାଲେଶ୍ୱର ଜିଲ୍ଲାର ପୂର୍ବତନ କ୍ରୀଡା ସମ୍ପାଦକ ବିଜୟ କୁମାର ଆଚାର୍ଯ୍ୟ ଉଦଘାଟକ ଭାବରେ ଓ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ଆଥଲେଟିକ ଆସୋସିଏସନର ଉପସଭାପତି ଅମର ମହାନ୍ତି, କ୍ରୀଡାବିତ ତଥା କ୍ରୀଡା ପରିଚାଳକ ରଞ୍ଜନ କୁମାର ଦାସମହାପାତ୍ର, ବରିଷ୍ଠ ସାମ୍ବାଦିକ ଦିଲ୍ଲୀପ ଦାସ ଯୋଗଦେଇ ନୂତନ ପିଚକୁ ଉଦଘାଟନ କରିଥିଲେ। ଭୋଗରାଇ କ୍ରିକେଟ ଏକାଡେମୀର କୋଚ ତଥା ପରିଚାଳନା ନିର୍ଦ୍ଦେଶକ କୁମାର ଚନ୍ଦନ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ସୂଚନା ଥାଉକି ୨୦୨୫ ମସିହା ଏପ୍ରିଲ ମାସରେ ଭୋଗରାଇ ବ୍ଲକ ଜଳେଶ୍ୱରପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଖେଳ ପଡ଼ିଆରେ ମାତ୍ର ୧୦ ଜଣ ପିଲାଙ୍କୁ ନେଇ ଭୋଗରାଇ କ୍ରିକେଟ ଏକାଡେମୀ ସ୍ଥାପିତ ହୋଇଥିଲା। ଏବେ ଏକାଡେମୀରେ ୩୦ରୁ ଅଧିକ ପିଲା କ୍ରିକେଟ ଅଭ୍ୟାସ ଜାରି ରଖିଥିବା ବେଳେ ଏକାଧିକ ପିଲା ଜିଲ୍ଲା ଓ ରାଜ୍ୟସ୍ତରୀୟ ଖେଳରେ କୃତିତ୍ୱ ଅର୍ଜନ କରିଛନ୍ତି।

## ୮ରୁ ବୈଶାଖୀ ମହୋତ୍ସବ

ବାଲେଶ୍ୱର, ୫।୪(ସମିସ): ଚଳିତ ମାସ ୮ତାରିଖରୁ ୧୦ଦିନ ଧରି ଅର୍ଥାତ ୧୭ତାରିଖ ପର୍ଯ୍ୟନ୍ତ ବୈଶାଖୀ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ସ୍ଥାନୀୟ ଆଇଟିଆଇ ପଡ଼ିଆରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ଉତ୍ସବରେ ଜିଲ୍ଲା ଓ ଜିଲ୍ଲା ବାହାରୁ ବହୁ ଲୋକ ଗୀତିକାର, ଲୋକ ନୃତ୍ୟ ଶିଳ୍ପୀ ଓ କଳାକାରମାନେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏହି ସାମ୍ବାଦିକ ସମ୍ମିଳନୀରେ କମିଟିର ଉପସଭାପତି ସୁଶାନ୍ତ କୁମାର ଦାସ, ଉପଦେଷ୍ଟା ଉଜ୍ଜଳ ଚନ୍ଦ୍ର କର, ସମ୍ପାଦକ ଦିବାକର ଜେନା, କୋଅଡିନେଟର ଗଗନ କୁମାର ସେଠୀ, ସଦସ୍ୟ ପ୍ରହ୍ଲାଦ ସିଂ, ସନ୍ଦୀପ ଦାସ, ଶାନ୍ତନୁ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଜଳିଗଲା ୮ ବଖରା ଘର

ନୀଳଗିରି, ୫।୪ (ସମିସ): ନୀଳଗିରି ବ୍ଲକର ଜମୁଡ଼ିହା ପଞ୍ଚାୟତର ବାଘମରା ତଳ ସାହିରେ ରବିବାର ଦିନ ପ୍ରାୟ ୨.୩୦ମିନିଟ୍ ସମୟରେ ହଠାତ୍ ହୁତୁ ହୁତୁ ହୋଇ ଗୋଟାଏ ପରେ ଗୋଟାଏ ଘର ଜଳିବାକୁ ଲାଗିଲା। ପରିବାର ଲୋକେ ଜୀବନ ବିକଳରେ ଘରୁ ବାହାରି ପଳାଇ ଆସିଥିଲେ। ଘରୁ କିଛି ଜିନିଷ ପତ୍ର ମଧ୍ୟ ବାହାର କରି ପାରିନଥିଲେ। ଲକ୍ଷ ଲକ୍ଷ ଟଙ୍କା ଧାନ, ଚାଉଳ, ଟଙ୍କା, ପୋଡ଼ି ପାଉଁଶ ହୋଇଗଲା। ଏପରିକି ପରିବାର ସଦସ୍ୟଙ୍କ ଆଧାର କାର୍ଡ, ରେସନ୍ କାର୍ଡ ଜମିଜମା ପଟ୍ଟା, ଆବଶ୍ୟକୀୟ କାଗଜ ପତ୍ର ମଧ୍ୟ ପୋଡ଼ି ପାଉଁଶ ହୋଇ ଯାଇଛି। ଘରେ କାଣି କଉଡିଟିଏ ବି ନାହିଁ। ଘଟଣା ସ୍ଥଳରେ ନୀଳଗିରି ଦମକଳ ଗାଡ଼ି, ରେମୁଣା ଦମକଳ ବାହିନୀ ପହଞ୍ଚିଲା ବେଳକୁ ସବୁ ପୋଡ଼ି ପାଉଁଶ ହୋଇ ଯାଇଥିଲା। ଖବର ପାଇ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଘଟଣା ସ୍ଥଳରେ ପହଞ୍ଚି ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି। ପରେ ନିଳଗିରି ତହସିଲଦାର ସୋନମ୍ ଦାସ ନିଳଗିରି ବିଡ଼ିଓ ବିକ୍ରମ କେଶରୀ ପରିଡ଼ା ପହଞ୍ଚି ତଦନ୍ତ କରିଛନ୍ତି। ଉକ୍ତ ଗ୍ରାମର ଅଭିମନ୍ୟୁ ସିଂ, ଶତ୍ରୁଘ୍ନ ସିଂ, ଚକ୍ରଧର ସିଂ, ଦୀପକ ସିଂ, ପରମାନନ୍ଦ ସିଂ, ଭାସ୍କର ସିଂ, ଧେନୀ ସିଂ ଙ୍କ ଘର ପୋଡ଼ି ପାଉଁଶ ହୋଇଥିବାର ଦେଖିବାକୁ ମିଳିଛି।

## ଶିକ୍ଷାବିତ୍ କୃତିବାସ ପାଣିଗ୍ରାହୀଙ୍କ ଜୟନ୍ତୀ

ବାଲେଶ୍ୱର, ୫।୪(ସମିସ): ସହର ସ୍ଥିତ ରାଣୀପାଟଣା ଦୃଷ୍ଟିବାଧିତ ବିଦ୍ୟାଳୟ ପରିସରରେ ସୁବାସିନି କୃତିବାସ ଚେରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଶିକ୍ଷାବିତ କୃତିବାସୀ ପାଣିଗ୍ରାହୀଙ୍କ ୧୦୧ତମ ଜୟନ୍ତୀ ପାଳିତ ହୋଇଯାଇଛି। ଟ୍ରଷ୍ଟି ତଥା ଆଇନଜିବୀ ବିଜୟ କୁମାର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ସାହିତ୍ୟିକ କାଳୀପଦ ପଣ୍ଡା, ରାଷ୍ଟ୍ରବାଦୀ ନେତା ଗୋପାଳ ନାୟକ, ବିଧାନଚନ୍ଦ୍ର ରାୟ, ଅରୁଣ କୁମାର ଜେନା, ଦୃଷ୍ଟିବାଧିତ ସ୍କୁଲର ଡାଇରେକ୍ଟର ଦିବାକର ସ, ଆଇନଜୀବୀ ତୁଷାରକାନ୍ତି ମହାପାତ୍ର, ଦେବାଶିଷ ଦେ ପ୍ରମୁଖ ଯୋଗଦେଇ ତାଙ୍କ ଗୁଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ। ଟ୍ରଷ୍ଟି ତଥା ଆଇନଜୀବୀ ଚିରଞ୍ଜିବି ପାଣିଗ୍ରାହୀ, ରୋଜାଲିନ ପାଣିଗ୍ରାହୀ, ଅନ୍ୟତମ ଟ୍ରଷ୍ଟି ଯଯାତି ପାଣିଗ୍ରାହୀ, ସନ୍ତୋଷ କୁମାର ଶତପଥି ପ୍ରମୁଖ ଯୋଗଦେଇ ଥିଲେ।

## ନୀଳଗିରିରେ ବ୍ରାହ୍ମଣ ସମିତି ବୈଠକ

ନୀଳଗିରି, ୫।୪ (ସମିସ): ତୃତୀୟଶ୍ରୀକ୍ଷେତ୍ରର ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରାଙ୍ଗଣରେ ନୀଳଗିରି ବ୍ରାହ୍ମଣ ସମିତିର ସଭାପତି ପଣ୍ଡିତ ସୂର୍ଯ୍ୟନାରାୟଣ ଷଡ଼ଙ୍ଗୀଙ୍କ ପୌରୋହିତ୍ୟରେ ବିଶ୍ୱଶାନ୍ତି ଯଜ୍ଞ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ବାଲେଶ୍ୱର ଜିଲ୍ଲା ବ୍ରାହ୍ମଣ ସମିତିର ସମ୍ପାଦକ ପଣ୍ଡିତ ଗୌରଚନ୍ଦ୍ର ଦାଶ, ପଣ୍ଡିତ ବ୍ରଜେଶ୍ୱରନନ୍ଦ, ଧର୍ମବ୍ରତ ନନ୍ଦ, ଜୟନ୍ତ ଷଡ଼ଙ୍ଗୀ, ପଣ୍ଡିତ ହରିବନ୍ଧୁ କର, ବ୍ରହ୍ମା ସରୋଜ ନନ୍ଦ, ଡ. ପ୍ରଦୀପ୍ତ ମିଶ୍ର, ବ୍ରଜକିଶୋର ଷଡ଼ଙ୍ଗୀ, ଦେବାଶିଷ ଦ୍ୱିବେଦୀ, ଗୋପୀନାଥ ପଣ୍ଡା, ଦୟାନିଧି ମହାପାତ୍ର, ପ୍ରହରାଜ ହରନାରାୟଣ ନନ୍ଦ, ନିରଞ୍ଜନ ପାଢ଼ୀ, ଦୟାନିଧି ମିଶ୍ର, ରତ୍ନାକର ଶତପଥୀ, ବିଦ୍ୟାଧର ମିଶ୍ର, କୁମାର ଚନ୍ଦ୍ର ମିଶ୍ର, ମନମୋହନ ପଣ୍ଡା, ଦେବୀପ୍ରସାଦ ପତି, ଶାନ୍ତନୁ କୁମାର ମହାପାତ୍ର, ଚିନ୍ମୟ ଷଡ଼ଙ୍ଗୀ, ରବୀନ୍ଦ୍ର ମହାପାତ୍ର, ଅରବିନ୍ଦ ଷଡ଼ଙ୍ଗୀ, ନରେନ୍ଦ୍ର ଦାଶ, ରାଜେନ୍ଦ୍ର ପ୍ରମୁଖ ଯୋଗଦାନ କରି ଆଗାମୀ ଦିନରେ ନୀଳଗିରିରେ ଏକ ବିଶ୍ୱଶାନ୍ତି ମହାଯଜ୍ଞ ଆୟୋଜନର ମୂଳଭିତ୍ତି ସ୍ଥାପନ ହୋଇଥିଲା। ବ୍ରହ୍ମା ସରୋଜ କୁମାର ନନ୍ଦ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ଓଡ଼ିଶା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏସନ୍‌ର ବାର୍ଷିକ ଅଧିବେଶନ

ବାଲେଶ୍ୱର, ୫।୪(ସମିସ): ଓଡ଼ିଶା ଫାର୍ମାସୀ ଅଫିସର ସର୍ଭିସ ଆସୋସିଏସନ୍ ବାଲେଶ୍ୱର ଶାଖାର ବାର୍ଷିକ ଅଧିବେଶନ ସ୍ଥାନୀୟ ସିଦ୍ଧି କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ଼ା. ଗିରିଜା ଶଙ୍କର ଦାସ ଯୋଗ ଦେଇଥିଲେ। ଡା. ପରେଶ ଚନ୍ଦ୍ର ନନ୍ଦି ମୁଖ୍ୟ ବକ୍ତା ଏବଂ ଡା. ସତ୍ୟବ୍ରତ ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ମାନଙ୍କ ମଧ୍ୟରେ ରାଜ୍ୟ ସଂଘ ସଭାପତି ଶୁଭଲକ୍ଷ୍ମୀ ସ୍ୱାଇଁ, ରାଜ୍ୟ ସମ୍ପାଦକ କ୍ଷିତୀଶ ଚନ୍ଦ୍ର ପଟ୍ଟନାୟକ, ରାଜ୍ୟ କୋଷାଧ୍ୟକ୍ଷ ସୁଧୀର କୁମାର ନାୟକ, ଜିଲ୍ଲା ସଂଯୋଜକ ମାନସ ପଣ୍ଡା ପ୍ରମୁଖ ଯୋଗଦେଇ ସଂଘର ବିଭିନ୍ନ ଉନ୍ନତିମୂଳକ କାମ ବିଷୟରେ ତଥ୍ୟ ରଖିଥିଲେ। ବାଲେଶ୍ୱର ଶାଖା ସଭାପତି ମହିମ କୁମାର ପାଲ ସଭା ପରିଚାଳନା କରିଥିଲେ। ଶେଷରେ ଜିଲ୍ଲା ସଂଯୋଜକ ଯୋଗେଶ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଡ଼ଃ. ସରୋଜ ଭଞ୍ଜ, କୃତିବାସ ବେହେରା, ମନୋଜ ପଟ୍ଟନାୟକ, ଦୀପକ ଦାସ, ଜ୍ୟୋତି ଦାସ, ପଙ୍କଜିନୀ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

● ତାଳସାରୀ ବେଳାଭୂମିରେ ବଙ୍ଗୀୟ ନାୟକଙ୍କ ସଲିଳ ସମାଧି

## ୬ ଦିନ ପରେ ପତ୍ନୀଙ୍କ ଅଭିଯୋଗ, ତଦନ୍ତ ଜୋରଦାର

ଚନ୍ଦନେଶ୍ୱର, ୫।୪ (ସମିସ): ବାଲେଶ୍ୱର ଜିଲ୍ଲାର ଭୋଗରାଇ ଅଞ୍ଚଳସ୍ଥିତ ତାଳସାରୀ ବେଳାଭୂମିରେ ଘଟିଥିବା ଦୁର୍ଭାଗ୍ୟଜନକ ଘଟଣାରେ ପଶ୍ଚିମବଙ୍ଗର ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତା ରାହୁଲ ଅରୁଣୋଦୟ ବାନାର୍ଜୀଙ୍କ ସଲିଳ ସମାଧି ଘଟଣା ସମଗ୍ର ଚଳଚ୍ଚିତ୍ର ଜଗତକୁ ଶୋକାକୁଳ କରିଦେଇଛି। ଘଟଣା ଘଟିଥିବାର ୬ ଦିନ ପରେ ଶନିବାର ବିଳମ୍ବିତ ରାତିରେ ମୃତକଙ୍କ ସ୍ତ୍ରୀ ପ୍ରିୟଙ୍କା ସରକାର ତାଳସାରୀ ସାମୁଦ୍ରିକ ଥାନାରେ ଲିଖିତ ଅଭିଯୋଗ ଦାଖଲ କରିଥିବାରୁ ଘଟଣା ନୂତନ ମୁହାଁ ନେଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, ଗତ ରବିବାର ଅପରାହ୍ନରେ 'ଭୋଲେ ବାବା ପାର କରେଗା' ନାମକ ଟେଲି ଫିଲ୍ମର ସୁଟିଂ ତାଳସାରୀ ସମୁଦ୍ରତଟରେ ଚାଲିଥିଲା। ଏହି ସୁଟିଂ ସମୟରେ ବୋଟ ଉପରେ ଦୃଶ୍ୟ ଧାରଣ କରାଯାଉଥିବା ବେଳେ ଅସାବଧାନତା ବଶତଃ ନାୟକ ଓ ନାୟିକା ଦୁହେଁ ସମୁଦ୍ରଜଳରେ ପଡ଼ିଯାଇଥିଲେ।



ତୁରନ୍ତ ସ୍ଥାନୀୟ ଲୋକଙ୍କ ସହଯୋଗରେ ନାୟିକାଙ୍କୁ ଉଦ୍ଧାର କରାଯାଇଥିଲା, କିନ୍ତୁ ଅଭିନେତା ରାହୁଲଙ୍କୁ କିଛି ସମୟ ପରେ ପାଣିରୁ ବାହାର କରାଯାଇ ଦୀଘା ହସ୍ପିଟାଲକୁ ନେଇଯାଇଥିଲା। ସେଠାରେ ଚିକିତ୍ସକମାନେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଅକାଳ ମୃତ୍ୟୁ ପଶ୍ଚିମବଙ୍ଗର ଚଳଚ୍ଚିତ୍ର ଜଗତରେ ଗଭୀର ଶୋକର ଛାୟା ଛାଡ଼ିଥିଲା। ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଥିଲେ। ଗତକାଲି ବିଳମ୍ବିତ ରାତିରେ ମୃତକଙ୍କ ସ୍ତ୍ରୀ ପ୍ରିୟଙ୍କା ସରକାରଙ୍କ ସହ ଅଭିନେତା ସୌରଭ ଚାଟାର୍ଜୀ, ରିତୁପର୍ଣ୍ଣା ସେନଗୁପ୍ତ ଓ ପ୍ରସନଜିତ ଚାଟାର୍ଜୀଙ୍କ ସମେତ ଚଳଚ୍ଚିତ୍ର ଓ ସିରିଏଲ ଜଗତର ଅନେକ ପ୍ରମୁଖ ନାୟକ-ନାୟିକା ତାଳସାରୀ ଥାନାରେ ପହଞ୍ଚିଥିଲେ। ବାଲେଶ୍ୱର ଆଡିସନାଲ ଏସପି ଦିବ୍ୟ ଜ୍ୟୋତି ଦାଶ, ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରା ଓ ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସହିତ ପୁଲିସ ପ୍ରଶାସନର ବରିଷ୍ଠ କର୍ମକର୍ତ୍ତାମାନେ ଉପସ୍ଥିତ ରହିଥିଲେ। ଘଟଣାକୁ ନେଇ ଉଠୁଥିବା ବିଭିନ୍ନ ପ୍ରଶ୍ନ ଓ ସନ୍ଦେହକୁ ଦୃଷ୍ଟିରେ ରଖି ପୁଲିସ ତଦନ୍ତ ପରେ ଜଣା ପଡ଼ିବ। ପତ୍ନୀଙ୍କ ଲିଖିତ ଅଭିଯୋଗ ପରେ ଘଟଣାର ପ୍ରକୃତ କାରଣ ଓ ଦାୟୀ ବ୍ୟକ୍ତିମାନଙ୍କ ବିଷୟରେ ତଦନ୍ତ ପରେ ସ୍ପଷ୍ଟ ଚିତ୍ର ପ୍ରକାଶ ପାଇବ ବୋଲି ଆଶା କରାଯାଉଛି।

## ନୀଳଗିରି ନଗର ବିଜୁ ଜନତା ଦଳ କର୍ମୀ ସମ୍ମିଳନୀ

ନୀଳଗିରି, ୫।୪ (ସମିସ)



ନୀଳଗିରି ନଗର ବିଜେଡି ତରଫରୁ ରବିବାର ସ୍ଥାନୀୟ କାର୍ଯ୍ୟାଳୟ ପରିସରରେ ରବିବାର ଏକ କର୍ମୀ ସମ୍ମିଳନୀ ଆୟୋଜିତ ହୋଇଥିଲା। ନବନିଯୁକ୍ତ ବିଜେଡ଼ି ନଗରସଭାପତି ଯୁବନେତା ଅଚ୍ୟୁତ ଚରଣ ପ୍ରଧାନଙ୍କ ଆହ୍ୱାନରେ ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ୧୩ଟି ୱାର୍ଡରୁ ଶତାଧିକ କର୍ମୀ ଓ ଜନତା ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିବା ବେଳେ ପୂର୍ବତନ ବିଧାୟକ ଙ୍ଗ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରି ବର୍ତ୍ତମାନର ବିଜେପି ସରକାରଙ୍କ ଉପରେ ବର୍ଷିଥିଲେ। ରାଜ୍ୟ ସରକାର ଦୁର୍ନୀତି, ଭ୍ରଷ୍ଟାଚାରରେ ବୁଡିରହିଥିବା ବେଳେ ନିର୍ବାଚନ ସମୟରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ପାଳନକରିବାରେ ବିଫଳ ହୋଇଛନ୍ତି। ବର୍ତ୍ତମାନର ସରକାର ଦିଶାହୀନ ସରକାର, ଏମାନଙ୍କ ପାଖରେ କୌଣସି ଲୋକହିତକର ଯୋଜନା ନାହିଁ। କେବଳ ରଙ୍ଗ ବଦଳାଇବା ଏମାନଙ୍କର କାମବୋଲି କହିବା ସହିତ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବିକାଶମୁଖୀ କାର୍ଯ୍ୟକୁ ଏବେ ଲୋକେ ମନେ ପକାଇଲେଣି। ଆଗାମୀ ଦିନରେ ବିଜେପିକୁ ପ୍ରତ୍ୟାଖ୍ୟାନ କରିବେ ଏବଂ ବିଜେଡ଼ି ପୁନର୍ବାର କ୍ଷମତା ହାସଲ କରିବ। ତେଣୁ ବିଜେଡ଼ି କର୍ମକର୍ତ୍ତାମାନେ ତୃଣମୂଳସ୍ତରରେ ଜନସାଧାରଣଙ୍କ ପାଖରେ ପହଞ୍ଚି ପୂର୍ବସରକାରର ନୀତି, ଆଦର୍ଶ ଏବଂ ବିକାଶକାର୍ଯ୍ୟର ବାର୍ତ୍ତା ପହଞ୍ଚାଇବାକୁ ଆହ୍ୱାନ ଦେଇଥିଲେ। ଫଳରେ ଖୁବଶୀଘ୍ର ବିଜେଡ଼ିର ସୁଶାସନ ଲୋକେ ପାଇପାରିବେ ବୋଲି ଦୃଢ଼ୋକ୍ତି କରିଥିଲେ। ନୂତନ ନଗରସଭାପତି ଉଦୀୟମାନ ଯୁବନେତା ଅଚ୍ୟୁତ ଚରଣ ପ୍ରଧାନଙ୍କ ନେତୃତ୍ୱରେ ନୀଳଗିରି ବିଜ୍ଞାପିତ ଅଞ୍ଚଳରେ ବିକାଶକୁ ଆଗେଇ ନେବାକୁ ହେଲେ ପୁଣି ନବୀନ ପଟ୍ଟନାୟକଙ୍କ ହାତମୁଠାକୁ ଟାଣ କରି ଆଗାମୀ ନିର୍ବାଚନରେ ଦଳ ଏନଏସି ନିଶ୍ଚିତ ଦଖଲ କରିବ ବୋଲି ଏହି କର୍ମୀ ସମ୍ମିଳନୀରେ ଉପସ୍ଥିତ ନେତୃତ୍ୱ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ବିଜେଡି ନେତା ମଦନ ପୃଷ୍ଟି, ପୂର୍ବତନ ନଗରପାଳ ରାଧାଗୋବିନ୍ଦ ଖଟୁଆ, କ୍ଷେତ୍ରମୋହନ ସିଂ, ପୂର୍ବତନ ନଗରସଭାପତି ରବୀନ୍ଦ୍ର ପରିଡ଼ା, ଆଇନଜୀବୀ କିଶୋର ଦାସ, ପୂର୍ବତନ କାଉନସିଲର ଲୋକନାଥ ଦଳେଇ, ଯୁବନେତା ଉଦୟଜ୍ୟୋତି ମହାନ୍ତି, ବୁଦ୍ଧଦେବ ସରକାର, ରବୀନ୍ଦ୍ର ମହଲ, ତପନ କୁମାର ଦାସ, ପ୍ରକାଶ ସିଂ, ଜଗବନ୍ଧୁ ମୁନିଙ୍କ ସହ ବହୁ ବିଜେଡ଼ି କାର୍ଯ୍ୟକର୍ତ୍ତା ଯୋଗଦେଇ ବିଜେପି ସରକାରଙ୍କ ଉପରେ ବର୍ଷିବା ସହିତ ପୁଣି ବିଜେଡ଼ିର ସୁଶାସନ ଫେରିପାଇବାକୁ ଦମ୍ଭୋକ୍ତି କରିଥିଲେ। ଆଜିର ଏହି ସମ୍ମିଳନୀରେ ଏକ ମିଶ୍ରଣ ପର୍ବର ଆୟୋଜନ ହୋଇଥିଲା। ଏନଏସିର ୪ନଂ ୱାର୍ଡରୁ ୨୯ଜଣ କର୍ମୀ ଅନ୍ୟଦଳ ଛାଡି ବିଜେଡିରେ ସାମିଲ ହୋଇଥିବା ବେଳେ ଦଳ ତରଫରୁ ତାଙ୍କୁ ଉତ୍ତରୀୟ ଦେଇ ଦଳକୁ ସ୍ୱାଗତ କରାଯାଇଥିଲା।

## ଗୌରବ ଆଣିଲେ ହାବିଲ୍‌ଦାର ଗଙ୍ଗାଧର



ଧାମନଗର, ୫।୪(ସମିସ): ୯୧ତମ ଓଡ଼ିଶା ପୁଲିସ ପ୍ରତିଷ୍ଠା ଦିବସ ଭଦ୍ରକ ଚରମ୍ପାସ୍ଥିତ ରିଜର୍ଭ ପୁଲିସ ପଡ଼ିଆରେ ପାଳିତ ହୋଇଯାଇଛି। ଭଦ୍ରକ ଏସ୍‌ପି ମନୋଜ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ପରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ।

ଏହି ଅବସରରେ କର୍ତ୍ତବ୍ୟ ପରାୟଣ ପୁଲିସ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ବିଭାଗ ପକ୍ଷରୁ ଏସ୍‌ପି ଶ୍ରୀ ରାଉତଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ତେବେ ଜଣେ ସଚ୍ଚୋଟ, ନିର୍ଭୀକ ଓ କର୍ତ୍ତବ୍ୟନିଷ୍ଠ ପୁଲିସ କର୍ମଚାରୀ ଧାମନଗର ମାଟିର ପୁଅ ତଥା ଚାନ୍ଦବାଲି ଥାନାର କାର୍ଯ୍ୟରତ ହାବିଲ୍‌ଦାର ଗଙ୍ଗାଧର ବିଶ୍ୱାଳଙ୍କୁ ପୁରସ୍କୃତ କରାଯାଇଛି। ଏହି କାର୍ଯ୍ୟକ୍ରମରେ ୩ ଅତିରିକ୍ତ ଏସ୍‌ପି ଅରୂପ ଅଭିଷେକ ବେହେରା, ଅଂଶୁମାନ ଦ୍ୱିବେଦୀ ଓ ସମ୍ବିତ୍ ମାଝୀଙ୍କ ସମେତ ସଭାରେ ଜିଲ୍ଲାସ୍ତରୀୟ ବରିଷ୍ଠ ପୁଲିସ ଅଧିକାରୀମାନେ ଯୋଗ ଦେଇଥିବା ବେଳେ ଜିଲ୍ଲାର ବିଭିନ୍ନ ଥାନାର ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ପୁରସ୍କାର ଓ ସମ୍ମାନିତ ହେବା ପରେ ଏସ୍‌ପି ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କୁ ଶ୍ରୀ ବିଶ୍ୱାଳ କୃତଜ୍ଞତା ଜ୍ଞାପନ କରିଛନ୍ତି।

### ମାଫିଆ ଓ ପ୍ରଶାସନିକ ଅଧିକାରୀଙ୍କ ସଲାସୁତରା

# ଜନବସତି ଅଞ୍ଚଳରେ ଇଟାଭାଟି; ସିଝୁଛନ୍ତି ଲୋକେ

ବନ୍ତ/ଆଗରପଡ଼ା, ୫।୪(ସମିସ)

ଏବେଠୁ ରୌଦ୍ରତାପ ଆରମ୍ଭ ହେଲାଣି। ଏହା ସାଙ୍ଗକୁ ବନ୍ତ ତହସିଲ୍ ଅଧୀନରେ ଥିବା ୨୫ଟି ପଞ୍ଚାୟତ ମଧ୍ୟରୁ ଏବେବି ମୁଖ୍ୟତଃ ଆଗରପଡ଼ା ଓ ଏହାର ଆଖପାଖ ଅଞ୍ଚଳ ମହାନ୍ତିପଡ଼ା, ସାହୁପଡ଼ା, କାଣ୍ଡବା, ଗୋପିନାଥପୁର, ଅଣିଜୋ ଆଦି ସାଳନ୍ଦି ନଦୀ କୂଳ ଗ୍ରାମର କୋଣ ଅନୁକୋଣରେ ଶହଶହ ଇଟାଭାଟି ଜଳୁଥିବାର ଦେଖିବାକୁ ମିଳୁଛି। ଏହି ବେଆଇନ ଇଟାଭାଟି ପୋଡ଼ି ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେବା ସହ ଇଟାଭାଟି ଧୂଆଁରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ହେଲେ ପ୍ରଶାସନର ଏଥିପ୍ରତି ନିଘା ନାହିଁ। ତହସିଲ୍‌ଦାର ଓ ତାଙ୍କ କର୍ମଚାରୀ ଏହି ବିଷୟରେ ଅବଗତ ଥାଇ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଓ ପରୋକ୍ଷରେ ଇଟାଭାଟି ମାଲିକମାନଙ୍କୁ ସହଯୋଗ କରୁଥିବାର ଅଭିଯୋଗ ହେଉଛି।



ସରକାରଙ୍କ ପକ୍ଷରୁ ଇଟା ପକାଇବା ଲାଗି ନିୟମ କାନୁନ ପ୍ରଣୟନ କରାଯାଇଥିଲେ ସୁଦ୍ଧା କେବଳ ହାତଗଣତି କେତେକ ଇଟାଭାଟି ମାଲିକଙ୍କଠାରୁ ରୟାଲ୍‌ଟି ଓ ଜରିମାନା ଆଦାୟ କରି ପ୍ରଶାସନିକ ଅଧିକାରୀମାନେ ସେମାନଙ୍କ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ପ୍ରଶାସନ ପକ୍ଷରୁ ଚିମିନି ଭାଟିଗୁଡ଼ିକୁ ବାର୍ଷିକ ଲିଜ୍ ସୂତ୍ରରେ ଲାଇସେନ୍ସ ପ୍ରଦାନ କରାଯାଉଥିବା ବେଳେ ଏହି ସାଧାରଣ ଇଟାଭାଟି ପାଇଁ କୌଣସି ସୁବିଧା ନାହିଁ। କେବଳ ରୟାଲ୍‌ଟି ଓ ଫାଇନ୍ ଆଦାୟ ବ୍ୟବସ୍ଥାରେ ପୋଡ଼ାଚାଲିଛି ଶହଶହ ଇଟାଭାଟି। ଏହି ଫାଇନ୍ ବ୍ୟବସ୍ଥା ପୁଣି କେତେକ ହାତଗଣତି ମାଲିକଙ୍କ କ୍ଷେତ୍ରରେ ଲାଗୁ ହୋଇଥିବାବେଳେ ଅନେକ ଇଟା ମାଫିଆମାନେ ଲକ୍ଷ ଲକ୍ଷ ଇଟା ପୋଡ଼ି ଚାଲିଥିଲେ ମଧ୍ୟ ଇଟାମାଫିଆ ଓ କିଛି ପ୍ରଶାସନିକ ଅଧିକାରୀଙ୍କ ସଲାସୁତରା ଯୋଗୁଁ ତାହା ସରକାରୀ ରେକର୍ଡଭୁକ୍ତ ହେଉ ନ ଥିବା ଅଭିଯୋଗ ହେଉଛି।

### ଜରିମାନାରେ ସୀମିତ କାର୍ଯ୍ୟାନୁଷ୍ଠାନ

ଯାହାଫଳରେ କିଛି ପ୍ରଶାସନିକ ଅଧିକାରୀ ଓ ଇଟା ମାଫିଆମାନେ ଏହି ବ୍ୟବସ୍ଥାକୁ ଅପଣାଇ ମାଲେମାଲ ହେଉଥିବାର ଚର୍ଚ୍ଚା ହେଉଛି। ଇଟାଭାଟି ମାଫିଆମାନେ ପ୍ରଶାସନିକ ନୀତିନିୟମକୁ ଖୋଲାଖୋଲି ଭାବେ ଉଲ୍ଲଙ୍ଘନ କରି ଜନବସତି ମଧ୍ୟରେ ଇଟାଭାଟି ପୋଡ଼ି ଚାଲିଛନ୍ତି ଏବଂ ଚଢ଼ାଦରରେ ଇଟାଗୁଡ଼ିକୁ ବିକ୍ରି କରୁଛନ୍ତି। ଜନବସତି ନିକଟରେ ବହୁଳ ସଂଖ୍ୟାରେ ବେଆଇନ ଇଟାଭାଟି ନିର୍ମାଣ କରି ଚାଲୁଥିବାରୁ ବାୟୁମଣ୍ଡଳ ଉତ୍ତପ୍ତ ଓ ପ୍ରଦୂଷିତ ହେଉଛି। କିନ୍ତୁ ମାଫିଆମାନେ ଏହାକୁ ବେଖାତିର୍ କରି ତାଙ୍କ ବେପାର କରିଚାଲିଛନ୍ତି। ମାଫିଆମାନଙ୍କ କବଳରୁ ପରିବେଶକୁ ରକ୍ଷା କରା ନ ଗଲେ ଆଗାମୀ ଦିନରେ ସାଳନ୍ଦୀରେ ଆଗରପଡ଼ା ଓ ତା' ଆଖପାଖ ଅଞ୍ଚଳର ବହୁ ଗ୍ରାମ ଲୀନ ହେବା ସୁନିଶ୍ଚିତ ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି। ବନ୍ତ ତହସିଲ୍‌ଦାରଙ୍କଠାରେ ମାଫିଆଙ୍କ ଏହିପରି କାର୍ଯ୍ୟକୁ ନେଇ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଦାବି କଲେ ତହସିଲ୍‌ଦାରଙ୍କ ଆଭିମୁଖ୍ୟ ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟୁଛି। ତେଣୁ ଜିଲ୍ଲାପାଳ ପରିବେଶକୁ ପ୍ରଦୂଷଣମୁକ୍ତ କରିବା ସହ ସାଳନ୍ଦୀକୁ ମାଫିଆଙ୍କ କବଳରୁ ରକ୍ଷା ନିମନ୍ତେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ଜନଗଣନା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ

ଭଦ୍ରକ, ୫।୪(ସମିସ): ଭଦ୍ରକ ବ୍ଲକରେ ଆଗାମୀ ଜନଗଣନା କାର୍ଯ୍ୟକୁ ସୁଚାରୁ ଭାବେ ସମ୍ପାଦନ କରିବା ପାଇଁ ଏନ୍‌ଆର୍‌ଆଇ ସ୍କୁଲରେ ପ୍ରଶିକ୍ଷଣ ଶିବିର ଆରମ୍ଭ ହୋଇଛି। ଏହି ପ୍ରଶିକ୍ଷଣ ଶିବିର ୩ଟି ପର୍ଯ୍ୟାୟରେ ୬ଦିନ ଧରି, ଗତ ୩୦ରୁ ଆରମ୍ଭ ହୋଇ ଆଜି ଯାଏଁ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ପ୍ରାୟ ୪୧୦ ଜଣ ସରକାରୀ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସୁପରଭାଇଜର ଓ ଇନ୍ୟୁମେରେଟର ଭାବେ ଜନଗଣନାର ବିଭିନ୍ନ ପ୍ରକ୍ରିୟା, ତଥ୍ୟ ସଂଗ୍ରହ ପ୍ରଣାଳୀ ଓ କ୍ଷେତ୍ରସ୍ତରର କାର୍ଯ୍ୟପ୍ରଣାଳୀ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି। ପ୍ରଥମ ପର୍ଯ୍ୟାୟରେ ତହସିଲ୍‌ଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଅତିରିକ୍ତ ତହସିଲ୍‌ଦାର ସୁକାନ୍ତ କୁମାର ଦାଶ ଓ ଜନଗଣନା ସହାୟକ ଜିଲ୍ଲା ଭାରପ୍ରାପ୍ତ ଅଧିକାରୀ ଆଲୋକ କୁମାର ସାହୁ ପ୍ରମୁଖ ୩ ଅଧିକାରୀଙ୍କ ନେତୃତ୍ୱରେ ଶିବିରଟି ସଂଯୋଜିତ ହୋଇଥିଲା। ଶିବିର ସମୟରେ ହରିନାରାୟଣ ନାୟକ, ସେକ୍ ମୟୀଉଦିନ,



ସୁଭଦ୍ରା ସ୍ୱାଇଁ, ବିଜୟ ମଲ୍ଲିକ, ଜ୍ୟୋତିର୍ମୟ ଅଗସ୍ତି, ବାଜୁନ ସିଂ, ସେକ୍ ରିୟାଜୁଦିନ ଓ ଜୟନ୍ତ ଜେନା ପ୍ରମୁଖ ଫିଲ୍ଡ ଟ୍ରେନରମାନେ ଜନଗଣନାର ଗୁରୁତ୍ୱ, ସଠିକ୍ ତଥ୍ୟ ସଂଗ୍ରହ ପ୍ରଣାଳୀ ଓ ଲୋକମାନଙ୍କ ସହ ସମ୍ପର୍କ ସ୍ଥାପନ କରି ସହଜ ଭାବେ ତଥ୍ୟ ସଂଗ୍ରହ କରିବା ପଦ୍ଧତି ବିଷୟରେ ପ୍ରଶିକ୍ଷଣ ଦେଇଥିଲେ। ଏହାସହ ଡିଜିଟାଲ ପ୍ରଣାଳୀ ଓ ଅନ୍‌ଲାଇନ୍ ତଥ୍ୟ ଏଣ୍ଟ୍ରି ବିଷୟରେ ମଧ୍ୟ ଶିକ୍ଷା ଦିଆଯାଇଥିଲା। ଏହି ପ୍ରଶିକ୍ଷଣ ଶିବିରରେ ଭଦ୍ରକ ତହସିଲ୍‌ର କର୍ମଚାରୀମାନେ ଅତିରିକ୍ତ ତହସିଲ୍‌ଦାରଙ୍କ ନେତୃତ୍ୱରେ ସକ୍ରିୟ ସହଯୋଗ କରିଥିଲେ। ଶିବିରର ୫ମ ଦିନରେ ଉପଜିଲ୍ଲାପାଳ ସୌରଭ ଚକ୍ରବର୍ତ୍ତୀ ଅଚାନକ ପରିଦର୍ଶନ କରି ଶିକ୍ଷକଶିକ୍ଷୟିତ୍ରୀମାନଙ୍କୁ ଉଦ୍‌ବୋଧନ ଦେଇଥିଲେ।

### ● ଶୂନ୍ୟବାସୀ ଅବିନାଶୀ ଆଶ୍ରମ ଜମି ବିବାଦ

## ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଅବମାନନା

ପାଣିକୋଇଲି, ୫।୪(ସମିସ): ପାଣିକୋଇଲି ଥାନା ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଶାଳପଡ଼ା ସ୍ଥିତ ଗୋଳାପୋଖରୀରେ ଥିବା ଶୂନ୍ୟବ୍ରହ୍ମ ଅବିନାଶୀ ଆଶ୍ରମରେ ପୂର୍ବରୁ ଜମିଜମା ବିବାଦ ଥିବାରୁ ଉଚ୍ଚ ନ୍ୟାୟାଳୟ ସ୍ଥିତାବସ୍ଥା ଜାରି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୮୮ ମସିହାରୁ ଜମିଜମା ବିବାଦ ପ୍ରଥମ ପକ୍ଷ ସାବିତ୍ରୀ ସାହୁ ମାରଫଦାର ଓ ୨ୟ ପକ୍ଷ ମନୋହର ପଣ୍ଡା ଓଗେରଙ୍କୁ ନେଇ ବିବାଦ ନ୍ୟାୟାଳୟରେ ବିଚାରଧୀନ ରହିଛି। ହେଲେ ଦ୍ୱିତୀୟ ପକ୍ଷ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଅଣଦେଖା କରି ଉକ୍ତ ବିବାଦୀୟ ପ୍ଲଟରେ ଘର ନିର୍ମାଣ ପାଇଁ ସାମଗ୍ରୀ ଆଣି ଗଚ୍ଛିତ କରିଛନ୍ତି। ଶ୍ରୀସତ୍‌ବାବା ସ୍ୱୟଂବ୍ରହ୍ମ ଅବିନାଶୀ ଆଶ୍ରମ ଟ୍ରଷ୍ଟ ନାମରେ ବୋର୍ଡ ଲଗାଇ ଦ୍ୱିତୀୟ ପକ୍ଷମାନେ ଆଶ୍ରମର ଗୋଟିଏ ଘରକୁ ଜବରଦଖଲରେ ରଖିବା ଓ ଅପରିଷ୍କାର କରିବା ଯୋଗୁଁ ଉକ୍ତ ମହଲରେ ଅସନ୍ତୋଷ ବ୍ୟାପିବାରେ ଲାଗିଛି।

ଏହି ବେନିୟମ କାର୍ଯ୍ୟ ନେଇ ପ୍ରଥମପକ୍ଷ ଉଚ୍ଚ ନ୍ୟାୟାଳୟକୁ ଅବଗତ କରିବା ସହ ଭବିଷ୍ୟତରେ ହେଉଥିବା ବେନିୟମ କାର୍ଯ୍ୟ ପାଇଁ ସେ ଦାୟୀ ରହିବେ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି। ଏ ଦିଗରେ ପୁଲିସ ପ୍ରଶାସନ ହସ୍ତକ୍ଷେପ କରିବାକୁ ପ୍ରଥମ ପକ୍ଷ ଦାବି କରିଛନ୍ତି। ଏନେଇ ପାଣିକୋଇଲି ଥାନାରେ ପ୍ରଥମ ପକ୍ଷ ଅଭିଯୋଗ କରିବା ପରେ ପୁଲିସ ଘଟଣାସ୍ଥଳେ ପହଞ୍ଚି କାର୍ଯ୍ୟ ନ କରିବାକୁ ତାଗିଦ କରିବା ସହ ଉଭୟ ପକ୍ଷ ଅଦାଲତଙ୍କ ନିୟମ ମାନିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଯେଉଁ ପକ୍ଷ ଅମାନ୍ୟ କରିବ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

## ପ୍ରବେଶ ଉତ୍ସବ ଖଡ଼ିଛୁଆଁ ପର୍ବ

କୟାଁଗୋଲା, ୫।୪(ସମିସ): ପ୍ରବେଶ ଉତ୍ସବ ଖଡ଼ିଛୁଆଁ ପର୍ବ ନାରୀଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭ୍ୟ ଓ ସଭ୍ୟା ଛାତ୍ର ଛାତ୍ରୀମାନଙ୍କ ଅଭିଭାବକ, ଅଭିଭାବିକା ରହିବା ସହ ବିଦ୍ୟାଳୟରସହକାରୀ ଶିକ୍ଷୟତ୍ରୀ ମୋନାଲିସା ଭୂୟାଁ, ସ୍ମିତାରାଣୀ ସ୍ୱାଇଁ, ତାରିଣୀପ୍ରଭା ମହାନ୍ତି, ଶିକ୍ଷକ ଜୟପ୍ରକାଶ ପରିଡ଼ା, କୃଷ୍ଣଚନ୍ଦ୍ର ଓଝା, ସତ୍ୟନାରାୟଣ ସାହୁ ଉପସ୍ଥିତ ରହି ଏହି ଖଡ଼ିଛୁଆଁ ପର୍ବ ପାଳିତ ହୋଇଛି। ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ଫୁଲ ଚନ୍ଦନ ପିନ୍ଧାଇ ମିଠା ଖୁଆଇ ସ୍ୱାଗତ କରିଥିଲେ।

## ତ୍ରିସାଲିଆ ସରକାରୀ ଉପ୍ରା ବିଦ୍ୟାଳୟର ବାର୍ଷିକ ଉତ୍ସବ

ବନ୍ତ/ଆଗରପଡ଼ା, ୫।୪(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ତ୍ରିସାଲିଆ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ବିଦ୍ୟାଳୟର ପୂର୍ବତନ ଅବସରପ୍ରାପ୍ତ ଶିକ୍ଷକ ଦେବେନ୍ଦ୍ର ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ଡାଏଟ୍ ଆଗରପଡ଼ା ଅଧ୍ୟକ୍ଷ କାର୍ତ୍ତିକେଶ୍ୱର ରାଉଳ ଉଦ୍‌ଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ପ୍ରଫୁଲ୍ଲ ଜେନା ଯୋଗଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବଉଳା ଆଞ୍ଚଳିକ ମହାବିଦ୍ୟାଳୟ ଅଧ୍ୟାପକ ଫକିର ଚରଣ ଶଙ୍ଖୁଆ ଯୋଗଦେଇଥିଲେ।

ସମ୍ମାନିତ ଅତିଥି ଭାବେ ବିଆର୍‌ସିସି ହରେକୃଷ୍ଣ ଆପଟ, ଏବିଇଓ ଭାଗୀରଥି ପାତ୍ର, ଆଶାମଣୀ ଉଚ୍ଚ ବିଦ୍ୟାପୀଠ, କୁଣ୍ଡି ମହାନ୍ତିପଡ଼ା ପ୍ରଧାନଶିକ୍ଷକ ଗଙ୍ଗାଧର ମହାନ୍ତି, ମହାନ୍ତିପଡ଼ା ପଞ୍ଚାୟତ ସମିତିସଭ୍ୟ ନିର୍ମଳ ନାୟକ, ସିଆର୍‌ସିସି ନିରଞ୍ଜନ ଖିଲାର ପ୍ରମୁଖ ଯୋଗଦେଇଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମକୁ ପରିଚାଳନା କମିଟି ସଭାପତି ରଣଜିତ୍ ନାୟକ, ସଭ୍ୟ ସୁଦାମ ଚରଣ ନାୟକ, ପ୍ରଭାବ ନାୟକ, ପ୍ରଧାନଶିକ୍ଷୟିତ୍ରୀ ଶ୍ରାବଣୀ ନାୟକ, ସହକାରୀ ଶିକ୍ଷକ ପୁଷ୍ପାରାଣୀ ନାୟକ, ଲକ୍ଷ୍ମୀଧର ପୃଷ୍ଟି, ସାବିତ୍ରୀ ପରିଡ଼ା, ଗୀତାଞ୍ଜଳି ନାୟକ, ଏକାଦଶୀ ଏମ୍‌ଇ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ସମେତ ତୋଫାବିବି, ଗୋପିନାଥପୁର ଏବଂ ନରାଜପୁର କ୍ଲଷ୍ଟରର ଶିକ୍ଷକଶିକ୍ଷୟିତ୍ରୀ ପ୍ରମୁଖ ସମ୍ପାଦନାରେ ସହଯୋଗ କରିଥିଲେ।




## ଅବସରକାଳୀନ ସମ୍ବର୍ଦ୍ଧନା ସଭା

ବନ୍ତ/ଆଗରପଡ଼ା, ୫।୪(ସମିସ): ବନ୍ତ ଶିକ୍ଷାଧିକାରୀଙ୍କ ଅଧୀନସ୍ଥ ତୋଫାବିବି କ୍ଲଷ୍ଟର ଅନ୍ତର୍ଗତ ନୂଆପୋଖରୀ ସରକାରୀ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ କେତକି ଭୂୟାଁଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ବିଶିଷ୍ଟ ଶିକ୍ଷାବିତ୍ ଡ. ସୁଧାଂଶୁ ଶେଖର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ



ମୁଖ୍ୟ ଅତିଥି ଭାବରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ମନ୍ତ୍ରୀ ତଥା ବରିଷ୍ଠ ନେତା ଜୟଦେବ ଜେନା, ମୁଖ୍ୟବକ୍ତା ଭାବେ ବନ୍ତ ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ବନ୍ତ ବ୍ଲକ ଶିକ୍ଷାଧିକାରିଣୀ ଡ. ସୁକୀର୍ତ୍ତି କର ଓ ଅନ୍ୟାନ୍ୟ ସମ୍ମାନିତ ଅତିଥିମାନେ ଯୋଗଦେଇ ଶ୍ରୀମତୀ ଭୂୟାଁଙ୍କ ଦୀର୍ଘ ସେବା, ନିଷ୍ଠା ଓ ଶିକ୍ଷା ପ୍ରତି ସମର୍ପଣକୁ ଭୂରିଭୂରି ପ୍ରଶଂସା କରିଥିଲେ। ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ଶିକ୍ଷକଶିକ୍ଷୟିତ୍ରୀ, ଛାତ୍ରଛାତ୍ରୀ, ପରିଚାଳନା କମିଟି ସଭ୍ୟସଭ୍ୟା ଏବଂ ଗ୍ରାମବାସୀ ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ: ବାବା ମଣିନାଗେଶ୍ୱର ଟିମ୍ ଚାମ୍ପିଅନ

ଭଦ୍ରକ, ୫।୪(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ନାଳଗୁଣ୍ଡା ପଞ୍ଚାୟତ ରାମପୁର ବିଣାପାଣୀ ଯୁବ ପରିଷଦ, ରାମପୁର ଦ୍ୱାରା ଆୟୋଜିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବାବା ମଣିନାଗେଶ୍ୱର ତେନ୍ତୁଳିଡିହ ଟିମ୍ ଚାମ୍ପିଅନ ହୋଇଛି। ଫାଇନାଲ ମ୍ୟାଚ୍ ବାବା ସଦାଶିବ ନୂଆବନ୍ଧ କ୍ରିକେଟ ଦଳ ଓ ବାବା ମଣିନାଗେଶ୍ୱର ତେନ୍ତୁଳିଡିହ ମଧ୍ୟରେ ଖେଳାଯାଇଥିଲା। ବାବା ସଦାଶିବ ଟିମ୍ ୨୦ ଓଭରରେ ୧୨୫ ରନ୍ କରିଥିଲା। ଜବାବରେ ବାବା ମଣିନାଗେଶ୍ୱର ୨୦ ଓଭରରେ ୧୩୧ କରି ବିଜୟୀ ହୋଇଥିଲା। ବିଜେତା ଦଳକୁ ଟ୍ରଫି ସହିତ ୧୦ ହଜାର ଟଙ୍କା ଓ ରନର୍ସ ଅପ୍



ଦଳକୁ ଟ୍ରଫି ସହ ୭ ହଜାର ଟଙ୍କା ପୁରସ୍କାର ପ୍ରଦାନ କରାଯାଇଛି। ମୁଖ୍ୟ ଅତିଥି ଭାବେ ୧ ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଭ୍ୟା ପ୍ରିନ୍ସ ରାକେଶ ନାୟକ, ଖେରଙ୍ଗ ସରପଞ୍ଚ ଜିତେନ୍ଦ୍ର ବିଶ୍ୱାଳ, ପୂର୍ବତନ ସମବାୟ ସମିତି ସଭାପତି ପ୍ରଭାତ ନାୟକଙ୍କ ସମେତ ସ୍ଥାନୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ। ବିଣାପାଣୀ ଯୁବ ପରିଷଦର ଅନିଲ ଦାସ, ଶିବଶଙ୍କର ଦାସ, ଶିଶିର ଦାସ, ମନୋରଞ୍ଜନ ଦାସ, କୁନୁ ଦାସ, ଗୌତମ ଦାସ, ସୁନିଲ ଦାସ ଉପସ୍ଥିତ ଥିଲେ।

## କବିତା ଆସର ଓ ପଲ୍ଲୀପୁଷ୍ପ ପୁସ୍ତକ ଉନ୍ମୋଚନ

ଦଶରଥପୁର, ୫।୪(ସମିସ): ଦଶରଥପୁର ବ୍ଲକ କସପା ପଞ୍ଚାୟତ ପଲାସାହି ଗ୍ରାମରେ ଶ୍ରୀ ଶ୍ରୀକ୍ଷେତ୍ର ସାହିତ୍ୟ ଓ ସଂସ୍କୃତିକ ପରିଷଦ ପକ୍ଷରୁ ଆଜି କବିତା ଆସର ଏବଂ ପଲ୍ଲୀପୁଷ୍ପ ପୁସ୍ତକ ଉନ୍ମୋଚନ ହୋଇଯାଇଛି। ପ୍ରଥମମୁଖ୍ୟଅଧିବେଶନ କବିତା ଆସରରେ ଯଯାତି ସାହୁ ସଭାପତିତ୍ୱ କରିଥିବାବେଳେ ସଂଯୋଜନା କରିଥିଲେ ବିଷ୍ଣୁ ଦଳାଇ, ଜିତେନ୍ଦ୍ର ବେହେରା, କବିୟତ୍ରୀ ରଞ୍ଜିତା ଦାସ, ଅନୁରାଧା ମିଶ୍ର, ସମୀକ୍ଷା କରିଥିଲେ ଅଧ୍ୟାପକ ପ୍ରଦୀପ୍ତ କୁମାର ଦାସ। ବିଭିନ୍ନ ସ୍ଥାନରୁ ଆସିଥିବା କବିମାନେ ନିଜର ସ୍ୱରଚିତ କବିତା ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ପଲ୍ଲୀପୁଷ୍ପ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ସାହିତ୍ୟିକ ଦିଗମ୍ବର ସାହୁଙ୍କ ସଭାପତିତ୍ୱରେ ଅତିଥି ପରିଚୟ ପ୍ରଦାନ କରିଥିଲେ ଅନୁଷ୍ଠାନର ସାଧାରଣ ସମ୍ପାଦକ ସୁଦର୍ଶନ ସାହୁ, ସମ୍ପାଦକୀୟ ବିବରଣୀ ପାଠ କରିଥିଲେ ସମ୍ପାଦକ ସତ୍ୟବ୍ରତ ସାହୁ। ମୁଖ୍ୟଅତିଥି ଭାବେ କବି ଡ. ଭାଗ୍ୟଧାର ସାହୁ, ମୁଖ୍ୟବକ୍ତା ଭାବେ ଶିକ୍ଷବିତ ବିଦ୍ୟୁତଲତା ଦାସ, ସମ୍ମାନିତ ଅତିଥି ଭାବେ କବି ଭକ୍ତ ଚରଣ ସାହୁ, ଗାଳ୍ପିକ ରାମଚନ୍ଦ୍ର ଦାସ, କବି ପ୍ରଭାତ ମଲିକ, ପଣ୍ଡିତ ବାଇଧର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶ୍ରୀଶ୍ରୀକ୍ଷେତ୍ର ସାହିତ୍ୟ ଓ ସଂସ୍କୃତିକ ପରିଷଦପକ୍ଷରୁ ଚତୁର୍ଥ ବାର୍ଷିକ ଅବସରରେ ପଲ୍ଲୀପୁଷ୍ପ ପୁସ୍ତକ ଉନ୍ମୋଚନ କରାଯାଇଥିଲା। ଏହି ଅବସରରେ କବିତା ପାଇଁ ଶଶୀ ନାୟକ, ଆଧ୍ୟାତ୍ମିକ ପାଇଁ ଅର୍ଜୁନ ଚରଣ ସାହୁ, ସାମ୍ବାଦିକତା ପାଇଁ ଚନ୍ଦ୍ରଶେଖର ସାହୁଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷରେ ଅନୁଷ୍ଠାନର ସଭାପତି କବି ଚନ୍ଦ୍ରଶେଖର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ସର୍ବଭାରତୀୟ ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ

ଯାଜପୁର, ୫।୪(ସମିସ)

ଯାଜପୁରର ଅଗ୍ରଣୀ ସାଂସ୍କୃତିକ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ଆହ୍ୱାନ' ପକ୍ଷରୁ ସର୍ବଭାରତୀୟ ନାଟ୍ୟ ମହୋତ୍ସବ ଓ ବାର୍ଷିକ ଉତ୍ସବ ସ୍ଥାନୀୟ ଗୌତମବୁଦ୍ଧ ସଂସ୍କୃତି ଭବନ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଉଦ୍‌ଘାଟକ ରୂପେ ଯାଜପୁର ସାଂସଦ ଡ. ରବୀନ୍ଦ୍ର ନାରାୟଣ ବେହେରା ଯୋଗଦେଇଥିଲେ। ମୁଖ୍ୟଅତିଥି ରୂପେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଯୋଗଦେଇ ସାରାଭାରତ ବର୍ଷରୁ କଳାକାରମାନେ ଆମ ସହରକୁ ଆସୁଥିବାରୁ ସେମାନଙ୍କୁ ଅଭିନନ୍ଦନ ଜଣାଇବା ସହ କଳା ଓ ସଂସ୍କୃତିର ପୀଠସ୍ଥଳୀ ଯାଜପୁରର ମାନ ବହୁଗୁଣିତ ହୋଇଛି। ମୁଖ୍ୟବକ୍ତାରୂପେ ପଣ୍ଡିତ ଭୂପତିଭୂଷଣ ମିଶ୍ର ଯୋଗଦେଇ ଯାଜପୁର ଐତିହ୍ୟ ସଂସ୍କୃତି ଉପରେ




ଆଲୋକପାତ କରିଥିଲେ। ଏହି ଉତ୍ସବରେ ବରିଷ୍ଠ ସାମ୍ବାଦିକ ତପନ ମହାରଣ୍ୟ ଶର୍ମା ସଭାପତିତ୍ୱ କରିଥିବା ବେଳେ ଅନୁଷ୍ଠାନର ଉପଦେଷ୍ଟା ପୂର୍ବତନ ସାଂସଦ ଅଞ୍ଚଳ ଦାସ, ଯାଜପୁର ପୌରାଧ୍ୟକ୍ଷା ରଞ୍ଜୁଲତା ହୋତା ଅନୁଷ୍ଠାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ବିଶ୍ୱଜିତ ସାହୁ ବାର୍ଷିକ ବିବରଣୀ ପାଠ କରିଥିବା ବେଳେ ସୁବାସ ଚନ୍ଦ୍ର ମହାପାତ୍ର ଅତିଥିପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଦିବସରେ ବୈତରଣୀ ନଦୀ ପୂଜନ ଓ ଆଳତୀ ସହ ଦ୍ୱିତୀୟ ଦିବସରେ ବ୍ରହ୍ମକୁଣ୍ଡ ପୂଜନ କାର୍ଯ୍ୟକ୍ରମ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାଡ଼ଖଣ୍ଡ, ଛତିଶଗଡ଼, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶ, ଆସାମ ସମେତ ୧୮ଟି ରାଜ୍ୟରୁ କଳାକାରମାନେ ଯୋଗଦେଇଥିବା ବେଳେ ରାଜ୍ୟର ପ୍ରାୟ ୧୭ଟି ଜିଲ୍ଲାରୁ ଶତାଧିକ କଳାକାର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସର୍ବଶେଷରେ ସମାଜସେବୀ ସନ୍ତୋଷ ନନ୍ଦ ଅନୁଷ୍ଠାନ ସମ୍ପର୍କରେ ଆଲୋଚନା କରିବା ସହ ଆଗନ୍ତୁକ ଅତିଥିମାନଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସର୍ବଶେଷରେ ବିଶ୍ୱଜିତ୍ ସାହୁଙ୍କ ନିର୍ଦ୍ଦେଶନାରେ 'ଆହେ ନୀଳଶୈଳ' ମଞ୍ଚସ୍ଥ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶୁଭ୍ରଜିତ୍ ସାହୁ, ଇଚ୍ଛାମୟୀ ଧଳ, ଉଷାରାଣୀ ସେନ, ଜଗନ୍ନାଥ ମିଶ୍ର ପ୍ରମୁଖ ସଞ୍ଚାଳନ କରିଥିଲେ। ଆଗାମୀ ତିନିଦିନ ଧରି ବିଭିନ୍ନ ନାଟକ ପ୍ରତିଯୋଗିତା ଅନୁଷ୍ଠିତ କରାଯିବ।

## ଆୟୁଷ ଡାକ୍ତରଙ୍କ ବାର୍ଷିକ ସମ୍ମିଳନୀ

ଯାଜପୁର, ୫।୪(ସମିସ): ଆଶୀର୍ବାଦ ମଣ୍ଡପରେ ରାଷ୍ଟ୍ରୀୟ ବାଲ୍ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅଧୀନସ୍ଥ ଆୟୁଷ ଡାକ୍ତରମାନଙ୍କ ବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ଆୟୁଷ ଡାକ୍ତର ସଙ୍ଘ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ବାର୍ଷିକ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସଙ୍ଘ ସଭାପତି ଡ. ହିମାଂଶୁ କୁମାର ମିଶ୍ର ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।

ଜିଲ୍ଲା ସଂଘର ସଭାପତି ଡ. ସୁଶାନ୍ତ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଂଘର କୋଷାଧ୍ୟକ୍ଷ ଡ. ଶୁଭେନ୍ଦୁ ଦାସ, ଜିଲା ସମ୍ପାଦକ ଡ. ରାଜ କିଶୋର ଦାସ, ଜିଲ୍ଲା କୋଷାଧକ୍ଷ ଡ. ବ୍ରମଃବରଦା ପ୍ରିୟଦର୍ଶିନୀ ପ୍ରମୁଖ ଯୋଗ ଦେଇ ଆୟୁଷ ଡାକ୍ତରମାନଙ୍କ ବିଭିନ୍ନ ସମସ୍ୟା ଓ ଏହାର ସମାଧାନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ପ୍ରାରମ୍ଭରେ ରାଜ୍ୟରେ ଆୟୁଷ ଡାକ୍ତରମାନଙ୍କ ବେତନ ବର୍ଦ୍ଧିତ କରିଥିବାରୁ ରାଜ୍ୟ ସରକାର ଓ ମୁଖ୍ୟମନ୍ତ୍ରୀ ଏବଂ ସ୍ୱାସ୍ଥ୍ୟ ମନ୍ତ୍ରୀଙ୍କୁ ରାଜ୍ୟ ଓ ଜିଲ୍ଲା ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଥିଲା। ଆୟୁଷ ଡାକ୍ତରମାନଙ୍କ ଦୀର୍ଘ ଦିନର ୧୦ ଦଫା ଦାବି ମଧ୍ୟରୁ ରାଜ୍ୟ ସରକାର ନିକଟରେ ଦୁଇ ଗୋଟି ଦାବି ପୂରଣ କରିଥିଲେ। ବାକି ୮ ଗୋଟି ଦାବି ସମ୍ପର୍କରେ ଏହି ସମ୍ମିଳନୀରେ ବିସ୍ତୃତ ଆଲୋଚନା କରାଯିବା ସହ ଖୁବଶୀଘ୍ର ଦାବି ଗୁଡିକ ସମ୍ପର୍କରେ ରାଜ୍ୟ ସରକାରଙ୍କ ଦୃଷ୍ଟିଗୋଚର କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଏହି ସମ୍ମିଳନୀରେ ଡ. ମନୋରଞ୍ଜନ ମିଶ୍ର ଓ ଡ. ବିଶ୍ୱ ପ୍ରକାଶ ସାମନ୍ତ ପ୍ରମୁଖ ଯୋଗ ଦେଇ ପରିଚାଳନାରେ ସକ୍ରିୟ ସହଯୋଗ କରିଥିବା ବେଳେ ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକ ରୁ ୩୫ଜଣ କାର୍ଯ୍ୟରତ ଆୟୁଷ ଡାକ୍ତର ଯୋଗ ଦେଇଥିଲେ।

# କୁପାରୀ ଅଞ୍ଚଳରେ ମାଙ୍କଡ଼ା ଖଣି ମାଫିଆ ସକ୍ରିୟ

ଖଇରା, ୫।୪ (ସମିସ)



ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ କୁପାରୀ ଅଞ୍ଚଳରେ ମାଙ୍କଡା ଖଣି ମାଫିଆମାନେ ପୁଣିଥରେ ସକ୍ରିୟ ହୋଇ ବନ୍ଦ ପଡ଼ିଥିବା ସମସ୍ତ ମାଙ୍କଡା ଖଣି କୁ ଚାଲୁ କରିଛନ୍ତି। ମାଙ୍କଡା ମାଫିଆ ମାନେ ପାଖପାଖି ପାଖାପାଖି ୩୦ ଖଣିରୁ ଟ୍ରିପ ଟ୍ରିପ ମାଙ୍କଡା ବାଲେଶ୍ୱର ଭଦ୍ରକ, କେନ୍ଦୁଝର ଓ ମୟୁରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। ମୁଖ୍ୟମନ୍ତ୍ରୀ, ରାଜ୍ୟ ଖଣି ବିଭାଗ ମନ୍ତ୍ରୀ ଓ ସଚିବ, ବାଲେଶ୍ୱର ଜିଲାପାଳ ଏଥିପ୍ରତି ଦୃଷ୍ଟି ନଦେଲେ ସମଗ୍ର କୁପାରୀ ଅଞ୍ଚଳ କୃତ୍ରିମ ହ୍ରଦ ପାଲଟିବ ବୋଲି ଖଣି ସଂଲଗ୍ନ ଗ୍ରାମବାସୀ ମାନେ କହିଛନ୍ତି। ଉପରୋକ୍ତ ୨ ରାଜସ୍ୱ କ୍ଷେତ୍ର ଅଧୀନ ରେ ଭରପୁର ମାଙ୍କଡା ପଥର ଗଚ୍ଛିତ ରହିଛି। ରାଜସ୍ୱ ବିଭାଗ ସରକାରୀ ଭାବେ ନିଲାମ ଦେଉନଥିବା ବେଳେ ଚୋରାଚାଲାଣକାରୀ ପ୍ରଶାସନ ଓ ଶାସକଦଳ ନେତୃବୃନ୍ଦ ଙ୍କୁ ହାତବାରିସି କରି ଏହି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି। ବର୍ତ୍ତମାନ ବରପଦାରେ ୧୦ଟି, କଳମଚୁଆରେ ୫ଟି, ରଣପୁରରେ ୪ଟି, ହରିପୁରରେ ୪ଟି, କୁପାରୀ କଲେଜ ପଛପଟେ ୫ଟି କୁପାରୀ ସରକାରୀ ମଦ ଦୋକାନ ପଛ ପଟେ ୨ଟି ସମେତ ୩୦ଖଣି ଚାଲୁଥିବା ନେଇ ନିକଟସ୍ଥ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାତି ତମାମ ପାୱାର ଟିଲର ଗର୍ଜନ କାରଣରୁ ଗ୍ରାମବାସ ଙ୍କୁ ରାତିରେ ଶୋଇବା ମୁସ୍କିଲ ହୋଇ ପଡୁଛି। ଏହିଭଳି ପରିତ୍ୟକ୍ତ ମାଙ୍କଡା ଖଣି ଗାତରେ ପଡ଼ି ୧୦ବର୍ଷରେ ୧୦ଜଣରୁ ଉର୍ଦ୍ଧ୍ୱ ବୟସ୍କ ଓ ଶିଶୁ, ୫୦ରୁ ଉର୍ଦ୍ଧ୍ୱର୍ ଗୃହପାଳିତ ପଶୁ ଓ ବନ୍ୟପ୍ରାଣି ପ୍ରାଣ ହରାଇ ସାରିଥିବା ବେଳେ ଏବେ ପୁଣି ଥରେ ସୃଷ୍ଟି କରାଯାଉଥିବା ସେହିଭଳି ଗର୍ତ୍ତ ମଣିଷ ପଶୁଙ୍କ ପାଇଁ ମୃତ୍ୟୁଯନ୍ତା ସାଜିଛି। ଏ ସମ୍ପର୍କରେ ଜିଲା ଖଣି ଅଧିକାରୀ ଜଗନ ବେହେରାଙ୍କ ପ୍ରତିକ୍ରିୟା ନେବାରେ ଖୁବଶୀଘ୍ର କୁପାରୀ ରାଜସ୍ୱ କ୍ଷେତ୍ରରେ ଚାଲିଥିବା ମାଙ୍କଡା ଖଣି ଗୁଡିକ ଉପରେ ଚଢାଉ କରାଯିବ ବୋଲି କହିଛନ୍ତି।

# ସଞ୍ଚିତ ଅର୍ଥକୁ ବୃଦ୍ଧାଶ୍ରମ ନିର୍ମାଣରେ ଲଗାଇଲେ ଶିକ୍ଷକ ମାୟାଧର



ଖଇରା, ୫।୪ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ ଡୁଙ୍ଗୁରା ଦର୍ଶନପ୍ରସାଦ ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ମାୟାଧର ସାହୁ। ଅବସର ସମୟ ପୁରିବାକୁ ଆଉ ମାତ୍ର ୨ମାସ ରହିଲା। ହେଲେ ତାଙ୍କର କିଛି ମହାନଚିନ୍ତା ଓ ମହାନକାର୍ଯ୍ୟ ଯୋଗୁଁ ସମାଜ ସବୁଦିନ ପାଇଁ ମନେ ରଖିବ ଏଥିରେ ସନ୍ଦେହ ନାହିଁ। ହରିପୁର ପଞ୍ଚାୟତ ତାଳକୁରୁଆ ଗ୍ରାମର ଉକ୍ତ ଶିକ୍ଷକ ବୈବାହିକ ଜୀବନରୁ ଦୁରେଇ ରହି ଶିକ୍ଷାଦାନକୁ ନିଶା ଓ ପେଶା ଭାବେ ଗ୍ରହଣ କରିଥିଲେ। ତାଙ୍କର ସଞ୍ଚିତ ଅର୍ଥକୁ ମହାନ କାର୍ଯ୍ୟରେ ଲଗାଇବା ଲକ୍ଷରେ ଘର ଠାରୁ କିଛିଦୁର ପଦୁନା ସ୍କୁଲ ନିକଟରେ ଥିବା ପୈତୃକ ସମ୍ପତ୍ତିରେ ଏକ ବୃଦ୍ଧାଶ୍ରମ ଖୋଲିବାକୁ ନିଷ୍ପତ୍ତି ନେଇ ବର୍ଷେ ତଳୁ ଘର ନିର୍ମାଣ କରିଥିଲେ। ପିତା ସ୍ୱର୍ଗତ ଯଶୋବନ୍ତ ସାହୁଙ୍କ ସ୍ମୃତିରେ ଟ୍ରଷ୍ଟ ସ୍ଥାପନା କରିବା ପରେ ଏବେ ୩୦ଶଯ୍ୟା ବିଶିଷ୍ଟ ଘରର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଆସନ୍ତା ୨୦ତାରିଖରେ ଆଶ୍ରମ ପ୍ରତିଷ୍ଠା ପାଇଁ ଦିନ ସ୍ଥିର କରାଯାଇଥିବା ବେଳେ ଶୁକ୍ରବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇ ଯାଇଛି। ଏଭଳି ମହାନ ଚିନ୍ତାଧାରା ସମ୍ପର୍କରେ ମାୟାଧର ସାହୁଙ୍କୁ ପଚାରିବାରେ ବହୁ ପରିବାରରେ ମା' ବାପା ମାନଙ୍କୁ ଅଦରକାରୀ ବସ୍ତୁ ଭାବେ ବିବେଚନା କରାଯାଉଛି। ବହୁ ପୂର୍ବରୁ ଏଭଳି ହୃଦୟବିଦାରକ ବିଷୟ ତାଙ୍କୁ ମାନସିକ ସ୍ତରରେ ଆଘାତ ଦେଇଥିଲା। ଏଣୁ ଏକ ବୃଦ୍ଧାଶ୍ରମ ନିର୍ମାଣ ପାଇଁ ନିଷ୍ପତ୍ତି ନେଇଥିଲେ। ତାଙ୍କ ଗ୍ରାଚୁଇଟି ତଥା ଅନ୍ୟାନ୍ୟ ଫଣ୍ଡରୁ ଘର ନିର୍ମାଣ ଏବଂ ଟ୍ରଷ୍ଟ ସ୍ଥାପନା ବାବଦକୁ ୧କୋଟି ଟଙ୍କା ଖର୍ଚ୍ଚ କରି ସାରିଲେଣି। ଆଗକୁ ଆଉ ଯାହାବି ଲାଗିବ ସେ ଯଥାସମ୍ଭବ ସେ ଭରଣା କରିବେ। ତେବେ ଆଶ୍ରମକୁ ଦୀର୍ଘମିଆଦି ସୂତ୍ରରେ ଚଳାଇବା ଲକ୍ଷ୍ୟରେ ସେ ଖଇରା ଅଞ୍ଚଳର ସମସ୍ତ ସ୍ୱେଚ୍ଛାସେବୀ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତିଙ୍କ ସହଯୋଗ କାମନା କରିଛନ୍ତି। ବୈବାହିକ ଜିବନ ପ୍ରତି ବୈରାଗ୍ୟ ସମ୍ପର୍କରେ ତାଙ୍କ ମତାମତ ନେବାରେ ପିଲା ବେଳେ ତାଙ୍କ ଆଖି ସାମନାରେ ଜଣେ ପୁଅ ତାର ବୃଦ୍ଧ ମାଙ୍କୁ ଟେକିଆଣି ବାହାରକୁ ଫିଙ୍ଗି ଦେବା ତାଙ୍କୁ ବ୍ୟଥିତ କରିଥିଲା ଯେଉଁଥିପାଇଁ ବିବାହ ପ୍ରତି ବିତୃଷ୍ଣା ଆସିଥିଲା ବୋଲି କହିଛନ୍ତି।

## ୨୬୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ଜଳେଶ୍ୱର ବ୍ଲକ, ୫।୪ (ସମିସ): ଜଳେଶ୍ୱର ସାଟେଲାଇଟ୍ ୟୁନିଟ୍ ପକ୍ଷରୁ ଶ୍ୟାମନଗର ପଞ୍ଚାୟତ କୁଶୁ ଗଡ଼ ଗ୍ରାମ ନିକଟରେ ଚଢାଉ କରାଯାଇ ବିପୁଳ ପରିମାଣର ଦେଶୀ ମଦ ଜବତ କରାଯିବା ସହ ୨ଜଣଙ୍କୁ ଗିରଫ କରାଯାଇଛି। ଶନିବାର ମଧ୍ୟାହ୍ନ ପ୍ରାୟ ୧୨ଟାରେ ଅବକାରୀ ବିଭାଗ କୌଣସି ସୂତ୍ରରୁ ଖବରପାଇ କୁଶୁଗଡ଼ ଗ୍ରାମ ନିକଟରେ ଅତର୍କିତ ଚଢ଼ାଉ କରିଥିଲା। ଏହି ୨ଜଣ ବ୍ୟକ୍ତିଙ୍କ ପାଖରୁ ୨୬୦ ଲିଟର ଦେଶୀ ମଦ ଜବତ କରାଯାଇଥିଲା। ସମୟରେ ତେବେ ଚଢ଼ାଉ ସମୟରେ ଅନ୍ୟ ଜଣେ ଅଭିଯୁକ୍ତ ଘଟଣାସ୍ଥଳରୁ ଖସି ପଳାଇବାରେ ସକ୍ଷମ ହୋଇଛି। ଗିରଫ ଯୁବକ ହେଲେ ରାସଗୋବିନ୍ଦପୁର ଥାନା ଅଧୀନ କାନପୁର ଗ୍ରାମର ଉତ୍ତମ ମହାପାତ୍ର ଏବଂ କଦମସୁଲ ଗ୍ରାମର ଦେବ ବେହେରା।

## ଶ୍ରୀରାମକୃଷ୍ଣ ଆଶ୍ରମରେ ଜରୁରୀ ବୈଠକ

ଜଳେଶ୍ୱର ବ୍ଲକ, ୫।୪ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ସେକସରାଇ ଠାରେ ଥିବା ଶ୍ରୀ ରାମକୃଷ୍ଣ ଆଶ୍ରମ ପରିସରରେ ଆଜି ପୂର୍ବାହ୍ନରେ ପଶ୍ଚିମବଙ୍ଗ ରାଜ୍ୟ ଅନ୍ତର୍ଗତ କଣ୍ଠାଇର ଶ୍ରୀ ରାମକୃଷ୍ଣ ଆଶ୍ରମ ମହାରାଜ ସ୍ୱାମୀ ସୁଧାନିଷ୍ଠାନନ୍ଦ ମହାରାଜ ସେକସରାଇ ଆଶ୍ରମ ପରିସରରେ ପହଞ୍ଚିବା ପରେ ତାଙ୍କୁ ବିଦ୍ୟାମନ୍ଦିର ସଭାପତି ଡ. ଅଜିତ କୁମାର ମହାନ୍ତି ଓ ସମ୍ପାଦକ ସୁକୁମାର ରଣା ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ। ଆଜି ଅପରାହ୍ନରେ ଏକ ଜରୁରୀ ବୈଠକ ସ୍ୱାମୀ ସୁଧାନିଷ୍ଠାନନ୍ଦ (ସ୍ୱଦେଶ) ମହାରାଜଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ଏପ୍ରିଲ୍ ୨୫ରେ ହେବାକୁ ଥିବା ଦୀକ୍ଷା ଉତ୍ସବ କାର୍ଯ୍ୟକାରୀ କରିବା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରା ଯାଇଥିଲା। ବୈଠକରେ ଟ୍ରଷ୍ଟି ସଭ୍ୟା ଆରତୀ ଦାସ, ଟ୍ରଷ୍ଟି ସଭ୍ୟ ସୁକଲ୍ୟାନ ଦାସ, ସ୍ୱାମୀ ବିବେକାନନ୍ଦ ବିଦ୍ୟା ମନ୍ଦିର ସମ୍ପାଦକ ସୁକୁମାର ରଣା, ଅମୂଲ୍ୟ କୁମାର ଭଞ୍ଜ, ଚନ୍ଦନ ଦାସ ଅଧିକାରୀ, ଗୁରୁପଦ ଆଚାର୍ଯ୍ୟ, ଶିକ୍ଷୟିତ୍ରୀ କ୍ରିଷ୍ଣା ପାଲ, ଶିକ୍ଷକ ବିଶ୍ୱଜିତ୍ ପାଲ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## 'ଆମ ସ୍ୱର'ର ସ୍ୱନକ୍ଷତ୍ର ଦିବସ



ବାଲେଶ୍ୱର, ୫।୪(ସମିସ): 'ଆମସ୍ୱର'ର ଦ୍ୱିତୀୟ ସ୍ୱନକ୍ଷତ୍ର ଦିବସ ପାଳିତ ହୋଇଯାଇଛି। ଆମ ସ୍ୱରର ସଂଯୋଜିକା ପ୍ରାକ୍ତନ ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୈଳବାଳା ବେହେରା ପ୍ରାକ କଥନ ରଖିଥିବା ବେଳେ ବିଚାରକ ଭାବେ ଅନୁଷ୍ଠାନର ସଞ୍ଚାଳିକା ଆର୍କିଟେକ୍ଟ ପ୍ରତ୍ୟାଶା, କୁନ୍ତଳା କୁମାରୀ ସାବତ ମହିଳା ମହାବିଦ୍ୟାଳୟର ବରିଷ୍ଠ ମନସ୍ତତ୍ତ୍ୱ ବିଭାଗର ଅଧ୍ୟାପିକା ମୋନାଲିକା ରଥ ଯୋଗ ଦେଇଥିଲେ। ଏଲିଜା ପାତ୍ର ଓ ସ୍ନିଗ୍ଧା ରାଣୀ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସ୍ମୃତି ପ୍ରଜ୍ଞା ଦାସ ସ୍ୱାଗତ ନୃତ୍ୟ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ପ୍ରାୟ ୭୦ରୁ ଅଧିକ ଛାତ୍ରଛାତ୍ରୀ ଓ ଅଭିଭାବକ ଅଂଶଗ୍ରହଣ କରିଥିଲେ। ମାନସୁମା ଖାତୁନ ପ୍ରଥମ, ସ୍ୱାତୀ ସୋନାଲି ପରିଡ଼ା ଦ୍ୱିତୀୟ, ରାଜଲକ୍ଷ୍ମୀ ନାୟକ ତୃତୀୟ ସ୍ଥାନ ଗ୍ରହଣ କରିଥିଲେ। ଆମ ସ୍ୱର ପରିବାରର ରଜନିମଣି ବେହେରା, ଯୋଗେଶ ଚନ୍ଦ୍ର ଦାସ, ଭବେନ୍ଦ୍ର କୁମାର ଦେ, ଗଣେଶ ଚନ୍ଦ୍ର କମିଳା, ନମିତା ପଣ୍ଡା, ଡ଼ଃ ଯସ୍ମିନ ଦେ, ଡ଼ଃ ଯଶସ୍ୱୀ ମହାପାତ୍ର, ଡ଼ଃ ମାନସ ଦେ, ପ୍ରେମରଞ୍ଜନ ପାତ୍ର, ବିରେନ୍ଦ୍ର ପଣ୍ଡା, ଅକ୍ଷୟ ଜେନା, କୃପାସିନ୍ଧୁ ସାନ୍ତରା ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ଜଳେଶ୍ୱର କଂଗ୍ରେସର ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା

ଜଳେଶ୍ୱର ବ୍ଲକ, ୫।୪ (ସମିସ): ଜଳେଶ୍ୱର କଂଗ୍ରେସ ପକ୍ଷରୁ ଆଜି ନୂତନ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧନା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚ ପରିଚାଳନା କରିଥିଲେ ଜଳେଶ୍ୱର କଂଗେସର ବରିଷ୍ଠ ନେତା ଲକ୍ଷ୍ମୀକାନ୍ତ କର। ଅତିଥି ପରିଚୟ ପ୍ରଦାନ କରିଥିଲେ ଜିଲ୍ଲା ସାଧାରଣ ସମ୍ପାଦକ ମଧୁସୂଦନ ଦାସ। ବାଲେଶ୍ୱର ଜିଲ୍ଲା କଂଗେସ ସଭାପତି ସତ୍ୟଶିବ ଦାସ ଜଳେଶ୍ୱର ନେତା ସୂର୍ଦସନ ଦାସ, ବ୍ଲକ ସଭାପତି ହେମନ୍ତ କୁମାର ଗିରି, ସୁନୀଲ କୁମାର ପରିଡ଼ା, ଭୋଗରାଇ ବ୍ଲକ ସଭାପତି ସନ୍ତୋଷ ଜେନା, ପୌରପାଳିକାର ସଭାପତି ଜଗଦିଶ ନନ୍ଦୀ, ପଦ୍ମଲୋଚନ ବେହେରା, ଜନ୍ମଜୟ ଜେନା, ନରେନ୍ଦ୍ର କୁମାର ରାଉତ, ଶ୍ରୀକାନ୍ତ ସିଂ, ଅଞ୍ଜନ ସିଂ, ରାଧାରାଣୀ ପାତ୍ର, ସୁଦାମ ପାତ୍ର, ଗୋପାଳ କୃଷ୍ଣ ଜେନା, ଦୀପକ ପାତ୍ର ପ୍ରମୁଖ ଅନେକ କଂଗ୍ରେସ ନେତୃବୃନ୍ଦ ମାନଙ୍କୁ ବିଭିନ୍ନ ସମ୍ମାନିତ କରିଥିଲେ।



# ୯ ଦିନିଆ ଜନଗଣନା ତାଲିମ ଶିବିର ଉଦ୍‌ଯାପିତ



କାଳିପଦା, ୫।୪ (ସମିସ): ବସ୍ତା ବ୍ଲକ ପକ୍ଷରୁ ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ କଲେଜରେ ଆରମ୍ଭ ହୋଇଥିବା ୯ଦିନିଆ ଜନଗଣନା ତାଲିମ ଶିବିର ରବିବାର ଉଦଯାପିତ ହୋଇ ଯାଇଛି। ୧୫୦ ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ତିନୋଟି ପର୍ଯ୍ୟାୟରେ ୯ ଟି ଗ୍ରୁପ ମାଧ୍ୟମରେ ଜନ ଗଣନା ସମ୍ପର୍କିତ ୩୪ଟି ପ୍ରଶ୍ନର ଉତ୍ତର ସମ୍ପର୍କରେ ତାଲିମ ଗ୍ରହଣ କରିଛନ୍ତି। ଜନ ଗଣନା ସମୟରେ ତାଲିମଧାରୀମାନେ ସର୍ଭେ ସମୟରେ ଗୃହ କର୍ତ୍ତାଙ୍କୁ ପ୍ରଶ୍ନ କରିବେ। ଘରର ଅବସ୍ଥିତି, କଚା କି ପକ୍କା, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ଆଲୋକ ବ୍ୟବସ୍ଥା, ଶୌଚାଳୟ ସୁବିଧା, ଖାଦ୍ୟ ଶସ୍ୟ, ମୁଖ୍ୟ ଇନ୍ଧନ, ଦୁଇ ଓ ଚାରି ଚକିଆ ଯାନ, କମ୍ପ୍ୟୁଟର ଓ ଲାପଟପ ବ୍ୟବହାର ଇତ୍ୟାଦି ସର୍ଭେ ସମୟରେ ସ୍ଥାନ ପାଇବ। ବିଡ଼ିଓ ମିହିର ରଞ୍ଜନ ଦାସ, ତହସିଲଦାର ସୁଶାନ୍ତ କୁମାର ପଟ୍ଟନାୟକ, କଲେଜ ଅଧ୍ୟକ୍ଷ ପ୍ରଧ୍ୟାପକ ଦିବ୍ୟେନ୍ଦୁ ଗିରି ପ୍ରମୁଖ କାର୍ଯ୍ୟକ୍ରମକୁ ତଦାରଖ କରିଥିବାବେଳେ ଅଧାପକ ପ୍ରଭାତ ରଞ୍ଜନ ଦାସ (ପଦାର୍ଥ ବିଜ୍ଞାନ), ପ୍ରଭାତ ରଞ୍ଜନ ଦାସ (ରସାୟନ ବିଜ୍ଞାନ), ଆଶୁତୋଷ ଯତି, ସଦାନନ୍ଦ ଦୀକ୍ଷିତ, ପବିତ୍ର ବେହେରା, ସୁପ୍ରିୟ କୁମାର ଚକ୍ରବର୍ତ୍ତୀ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ। ସୁଦୀପ୍ତ ପ୍ରଧାନ, ସିଆରସିସି ଭୋଳାନାଥ ସାମଲ, ଗଣେଶ ଚନ୍ଦ୍ର ଜେନା, ପଙ୍କଜ ଦାସ, ତପନ ସେନ, ଭିକାରି ଚରଣ ନାୟକ, ବୀରେନ୍ଦ୍ର ହାଁସଦା, ଅତିରିକ୍ତ ତହସିଲଦାର ପିୟୁଷ କାନ୍ତି ପ୍ରଧାନ, ଆରଆଇ ଶୁଭଶ୍ରୀ ଦାସ, ନିତ୍ୟାନନ୍ଦ ମଣ୍ଡଳ, ଶଶିକାନ୍ତ ଜେନା, ସନ୍ତୋଷ କୁମାର ସାହୁ ତାଲିମ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ରେମୁଣାରେ ବିଭିନ୍ନ ଲୋକାଭିମୁଖୀ ପ୍ରକଳ୍ପର ଶିଳାନ୍ୟାସ

ରେମୁଣା, ୫।୪ (ସମିସ): ରବିବାର ରେମୁଣା ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ପ୍ରକଳ୍ପର ଶୁଭ ଶିଳାନ୍ୟାସ କରାଯାଇଥିଲା। ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ କରକମଳରେ ଆୟୋଜିତ ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ସରକାରୀ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ଉପସ୍ଥିତ ଥିଲେ। ସର୍ବ ପ୍ରଥମେ ଚଷାଖଣ୍ଡ ପଞ୍ଚାୟତ ଅନ୍ତର୍ଗତ ସହିଦ୍ ବାଘାଯତୀନ ସ୍ମୃତି ପୀଠର ଉନ୍ନତି ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁଦାନ କ୍ରମେ ପ୍ରଦତ୍ତ ଏକ କୋଟି ପଚାଶ ଲକ୍ଷ ଟଙ୍କା କାର୍ଯ୍ୟର ଶିଳାନ୍ୟାସ କରାଯାଇଥିଲା। ଏହା ପରେ ଇଞ୍ଚୁଡ଼ି ପଞ୍ଚାୟତ ସ୍ଥିତ ପ୍ରସିଦ୍ଧ ଲବଣ ସତ୍ୟାଗ୍ରହ ସ୍ମୃତି ପୀଠର ଉନ୍ନତି କଳ୍ପେ ଦୁଇ କୋଟି ଚୌୟାଳିଶି ଲକ୍ଷ ଟଙ୍କା କାର୍ଯ୍ୟର ଶୁଭ ଶିଳାନ୍ୟାସ କରାଯାଇଥିଲା। ଓଡ଼ିଶା ସରକାରଙ୍କ ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନା ଅନ୍ତର୍ଗତରେ ଇଞ୍ଚୁଡ଼ି ପଞ୍ଚାୟତର ଲବଣ ସତ୍ୟାଗ୍ରହ ସ୍ମୃତି ବିଦ୍ୟାପୀଠ ଏବଂ ସିଆଳିପଦା ଖେଳ ପଡ଼ିଆର ଉନ୍ନତିକରଣ କାର୍ଯ୍ୟର ଶୁଭ ଶିଳାନ୍ୟାସ ମଧ୍ୟ କରାଯାଇଥିଲା। ଏହି ଅବସରରେ ସାଂସଦ ପ୍ରତିନିଧି ଉମାକାନ୍ତ ପଣ୍ଡା, ପୂର୍ବତନ ରେମୁଣା ବ୍ଲକ ଅଧ୍ୟକ୍ଷ ଗୋପୀନାଥ ସେନାପତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଜୟନ୍ତ ମଣ୍ଡଳ, ମଣ୍ଡଳ ସଭାପତି ମାନସ ମହାନ୍ତି, କାର୍ତ୍ତିକ ଚନ୍ଦ୍ର ଦାସ, ଅନାଦି ନାୟକ, ଅଜୟ ବାରିକ, ଡମ୍ବରୁଧର ଜେନା, ବ୍ରହ୍ମାନନ୍ଦ ବିଶ୍ୱାଳ, ସିଲି ବେହେରା ଉପସ୍ଥିତ ଥିଲେ।



## ଓଭର ବ୍ରିଜର ଶୁଭ ଶିଳାନ୍ୟାସ




ସିମୁଳିଆ, ୫।୪ (ସମିସ): ସିମୁଳିଆ ବ୍ଲକ ମାର୍କୋଣା ଠାରେ ଜାତୀୟ ରାଜପଥ -୧୬ ଓଭରବ୍ରିଜ୍ ନିର୍ମାଣ ଅବସରରେ ଭଦ୍ରକ ସାଂସଦ ଅଭିମନ୍ୟୁ ସେଠୀ ଓ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଯୋଗଦେଇ ଶୁଭ ଶିଳାନ୍ୟାସ କରିଛନ୍ତି। ଏହି ଅବସରରେ ବିଡ଼ିଓ ସୁନିଲ କୁମାର ଟୁଡୁ, ଜିଲ୍ଲା ସାଧାରଣ ସମ୍ପାଦକ ଅଂଶୁମାଧବ ପଣ୍ଡା, ନୀଳମାଧବ ପଣ୍ଡା, ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ, ସିମୁଳିଆ ବ୍ଲକ ଅଧ୍ୟକ୍ଷ ବାବାଜୀ ଚରଣ ମଲ୍ଲିକ, ଖଇରା ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ସିମୁଳିଆ ବ୍ଲକ ଉପାଧ୍ୟକ୍ଷା ହିମାଦ୍ରୀ ନନ୍ଦିନୀ ମହାପାତ୍ର, ମାର୍କୋଣା ମଣ୍ଡଳ ସଭାପତି ଅଭିନାଶ ବେହେରା, ଜାମୁଝାଡ଼ି ମଣ୍ଡଳ ସଭାପତି ସୁଶାନ୍ତ କୁମାର ନାୟକ, ବାଲିଖଣ୍ଡ ମଣ୍ଡଳ ସଭାପତି ରଘୁନନ୍ଦନ ମିଶ୍ର, ସମିତି ସଭ୍ୟ ଉତ୍ତମ କୁମାର ମହାନ୍ତି ଓ ବରିଷ୍ଠ ନେତା ରାଧାରମଣ ପଟ୍ଟନାୟକ, ଆମ୍ବର ସଭାପତି ରମାକାନ୍ତ ପରିହାରୀ ପ୍ରମୁଖ ଉପସ୍ଥିତ ଥିଲେ। ୪୦ ନଂ ଜୋନ୍ ଜିଲ୍ଲା ପରିଷଦ ରମେଶ ଚନ୍ଦ୍ର ସାହୁ ଓ ସିମୁଳିଆ ଖଇରାର ବହୁ ବରିଷ୍ଠ ନେତୃବୃନ୍ଦ/ପଦାଧିକାରୀ ଉପସ୍ଥିତ ଥିଲେ। ସିମୁଳିଆ ଓ ଖଇରାରୁ ସମସ୍ତ କାର୍ଯ୍ୟକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ଉପସ୍ଥିତ ଥିଲେ।

## ବଣିଆଡ଼ିହା ଯୁବ କଂଗ୍ରେସର ବୈଠକ



ଲଙ୍ଗଳେଶ୍ୱର, ୫।୪ (ସମିସ): ଆଗାମୀ ପଞ୍ଚାୟତ ନିର୍ବାଚନକୁ ଆଖି ଆଗରେ ରଖି ସଙ୍ଗଠନ କୁ ମଜବୁତ କରିବା ପାଇଁ ତତ୍ପରତା ଦେଖାଇ ବିଭିନ୍ନ ସ୍ଥାନରେ କଂଗ୍ରେସ ବିଭିନ୍ନ ବର୍ଗର କର୍ମୀମାନଙ୍କୁ ସଂଗଠିତ କରି ଦଳକୁ ଆଗେଇ ନେବାକୁ ଉଦ୍ୟମ ଆରମ୍ଭ କରିଛି। ଲଙ୍ଗଳେଶ୍ୱର ଗ୍ରାମର ଗୋପିନାଥ ସାହୁଙ୍କ ବାସଭବନରେ ବଣିଆଡିହା ଯୁବ କଂଗ୍ରେସ ପକ୍ଷରୁ ଆୟୋଜିତ ସଭାରେ ବରିଷ୍ଠ କଂଗ୍ରେସ ନେତା ଜଗତ ଜୀବନ ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବରେ ବାଲିଆପାଳ ବ୍ଲକ ଯୁବ କଂଗ୍ରେସ ସଭାପତି ସୁବାସ ନାୟକ, ସ୍ଥାନୀୟ ସରପଞ୍ଚ କାଳିଚରଣ ଜେନା, ସତ୍ୟ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ଜେନା, ବନମାଳୀ ଦାସ, ବାବୁ ସାମନ୍ତ, ଗୌରାଙ୍ଗ ଦାସ ପ୍ରମୁଖ ଯୋଗଦେଇ ଥିଲେ। ଏହି ଅବସରରେ ନୂତନ ଯୁବ କଂଗ୍ରେସ କର୍ମକର୍ତ୍ତା ଚୟନ କରାଯାଇଥିଲା। ଯୁବ କଂଗ୍ରେସ ସଭାପତି ଭାବରେ ତାପସ କୁମାର ପାତ୍ର, ଉପ ସଭାପତି ଏସକେ ବାବୁ ଓ ଅକ୍ଷୟ କୁମାର ଜେନା, ସମ୍ପାଦକ ଧର୍ମପଦ ଜେନା, ସହ ସମ୍ପାଦକ ଏସ କେ କସି, ରବୀନ୍ଦ୍ର ଧଳ, ଜୟଦେବ ମହାନ୍ତି, ଚନ୍ଦନ ଜେନା, ଜଗଦୀଶ ପ୍ରଧାନ ମନୋନୀତ ହୋଇଛନ୍ତି।

## ଅଚ୍ୟୁତପୁରରେ ମା' ଭଗବତୀଙ୍କ ପୂଜା



ରେମୁଣା, ୫।୪ (ସମିସ): ରେମୁଣା ଏନଏସି ଅନ୍ତର୍ଗତ ୧୨ ନମ୍ବର ୱାର୍ଡରେ ଥିବା ଅଚ୍ୟୁତପୁର ଗ୍ରାମକୁ ଭଗବତୀ ମା ଆଗମନ କରିଛନ୍ତି। ୧ ତାରିଖରୁ ୮ ତାରିଖ ପର୍ଯ୍ୟନ୍ତ ମା ଗ୍ରାମରେ ରହିବେ। ଏହି ବର୍ଷ ୪୯ ବର୍ଷରେ ପହଞ୍ଚିଛି।

## ଦେଶୀ ମଦ ଜବତ, ୨ ଗିରଫ

ସିମୁଳିଆ, ୫।୪ (ସମିସ): ବାଲେଶ୍ୱର ଅବକାରୀ ଅଧିକ୍ଷକ ମନୋଜ କୁମାର ସେଠୀଙ୍କ ନିର୍ଦ୍ଦେଶକ୍ରମେ ଖଇରା ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରହଲ୍ଲାଦ ସାମଲ ଏବଂ କର୍ମଚାରୀ ମାନଙ୍କୁ ନେଇ ଗଠିତ ଏକ ସ୍ୱତନ୍ତ୍ର ଟିମ ଦ୍ୱାରା ସିମୁଳିଆ ଥାନା ଅନ୍ତର୍ଗତ ମମିନାବାଦ ଗ୍ରାମରେ ଚଢ଼ଉ କରାଯାଇ ୬୦ ଲିଟର ଦେଶୀ ରନ୍ଧା ମଦ ଜବତ କରାଯିବା ସହିତ ନଟାପଡ଼ା ଗ୍ରାମର ଗଣେଶ ବେହେରା ଓ ମମିନାବାଦ ଗ୍ରାମର ପ୍ରହଲ୍ଲାଦ ମଲ୍ଲିକ ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଜବତ ହୋଇଥିବା ମଦର ଆନୁମାନିକ ମୂଲ୍ୟ ୨୦ ହଜାର ଟଙ୍କାରୁ ଅଧିକ ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଉକ୍ତ ଚଢ଼ାଉରେ ଖଇରା ଅବକାରୀ ଥାନା ସହ ଉପ-ନିରୀକ୍ଷକ ଦୀପିକା ପରିଡ଼ା ଓ କନେଷ୍ଟବଳ ଦେବାଶିଷ ମଲ୍ଲିକ ପ୍ରଭୃତି ସାମିଲ ଥିଲେ। ଏ ନେଇ ଖଇରା ଅବକାରୀ ଥାନା ପକ୍ଷରୁ ୨ ଗୋଟି ମାମଲା ରୁଜୁ କରାଯାଇଛି।

## ବସ୍ତା ପୁଲିସ ପକ୍ଷରୁ ଯାନବାହନ ଯାଞ୍ଚ

ରାଜଘାଟ, ୫।୪ (ସମିସ): ପୂର୍ବାଞ୍ଚଳ ଡିଆଇଜିଙ୍କ ନିର୍ଦ୍ଦେଶ କ୍ରମେ ବିଳମ୍ବିତ ରାତିରେ ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଭେଲୋରା ଠାରେ ବସ୍ତା ପୁଲିସ ଓ ଜାତୀୟ ରାଜପଥ ପହରା ପୁଲିସ ପକ୍ଷରୁ ଦୁଇ ଚକିଆ, ଚାରି ଚକିଆ ଯାନ ସହିତ ବିଭିନ୍ନ ଗାଡ଼ି ମଟର ଗୋଡିକୁ କଡାକଡି ଚେକିଂ କରା ଯାଇଛି। ବେଆଇନ ଭାବରେ ଯାତାୟତ କରୁଥିବା ବିଭିନ୍ନ ଗାଡିରୁ ଏକ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ଜରିମାନା ଆଦାୟ କରାଯାଇଛି।

## ବରିଷ୍ଠ ମହିଳା ଫୁଟବଲ ଖେଳାଳି ଚୟନ ପ୍ରତିଯୋଗିତା ୧୫ରେ

ବାଲେଶ୍ୱର, ୫।୪ (ସମିସ): ଜିଲ୍ଲା କ୍ରୀଡ଼ା ସଂଘ ଆନୁକୂଲ୍ୟରେ ଚଳିତ ମାସ ୧୫ ତାରିଖରେ ବରିଷ୍ଠ ମହିଳା ଫୁଟବଲ ଖେଳାଳି ଚୟନ ପ୍ରତିଯୋଗିତା ସ୍ଥାନୀୟ ପରମିଟ ପଡ଼ିଆଠାରେ ଅନୁଷ୍ଠିତ ହେବ ବୋଲି ଜିଲ୍ଲା କ୍ରୀଡାସଂଘ କାର୍ଯ୍ୟକାରୀ ସଭାପତି ଅଭୟ ମହାପାତ୍ର ଜଣାଇଛନ୍ତି। ଏଥିପାଇଁ ଆଗ୍ରହୀ କ୍ରୀଡାବିତ ପ୍ରକୃତ ଜନ୍ମ ପ୍ରମାଣ ପତ୍ର, ଆଧାର କାର୍ଡ ଏବଂ ଏହାର ଏକ ଜେରକ୍ସ କପି ସାଙ୍ଗରେ ନେଇ ଆସିବାକୁ କୁହାଯାଇଛି। ଅଧିକ ବିବରଣୀ ପାଇଁ ଯୁଗ୍ମ ସମ୍ପାଦକ ଫୁଟବଲ ନିମାଇଁ ଚରଣ ରାଉତରାୟ (୯୪୩୭୨୯୬୦୦୯)ଙ୍କ ସହିତ ଯୋଗାଯୋଗ କରିବା ପାଇଁ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜଣାଇଛନ୍ତି। ଏହି ଚୟନ ପ୍ରତିଯୋଗିତାରେ ଯୋଗ୍ୟ ବିବେଚିତ ହେବାକୁ ଥିବା ଖେଳାଳିମାନେ କଟକ ଠାରେ ହେବାକୁ ଥିବା ମହିଳା ଫୁଟବଲ ଲିଗ୍ ରେ ବାଲେଶ୍ୱର ଜିଲ୍ଲା ତରଫରୁ ପ୍ରତିନିଧିତ୍ୱ କରିବେ।

## ଅଙ୍ଗନବାଡ଼ି ଗୃହ ନିର୍ମାଣରେ ଜଳେଶ୍ୱର ବ୍ଲକ ଜିଲ୍ଲାରେ ପ୍ରଥମ

ଜଳେଶ୍ୱର ବ୍ଲକ, ୫।୪ (ସମିସ): ବହୁ ବର୍ଷ ଧରି ଜଳେଶ୍ୱର ବ୍ଲକର ବିଭିନ୍ନ ପଞ୍ଚାୟତରେ ଥିବା ୨୦ଟି ଅଙ୍ଗନବାଡ଼ି ଗୃହ ନିର୍ମାଣ ଧିମେଇ ଯାଇଥିଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍?ର ବିଡିଓ ଗୌରାଙ୍ଗ ଚରଣ ଘୋଷ ଏକ ଟିମ ଗଠନ କରି ତିନି ମାସ ଭିତରେ ୨୦ଟି ଯାକ ଗୃହ ନିର୍ମାଣ ଶେଷ କରିଥିବାରୁ ବାଲେଶ୍ୱର ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ବିଡିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ସମ୍ବର୍ଦ୍ଧିତ କରିବା ସହିତ ପଞ୍ଚାୟତ ସମିତିର ସମସ୍ତ ଅଧିକାରୀ, କର୍ମଚାରୀଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ସଞ୍ଜୟ କୁମାର ରାଉତ, ମଧୁସ୍ମିତା ସାମନ୍ତରାୟ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଆ ପକ୍ଷ ପାଳନ ଅବସରରେ ଗଣଦୌଡ଼




ବାଲେଶ୍ୱର, ୫।୪(ସମିସ): ଓଡ଼ିଶା ଦିବସଠାରୁ ମହାବିଷୁବ ସଂକ୍ରାନ୍ତି ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ପାଳିତ ହେଉଥିବା ଓଡିଆ ପକ୍ଷ ଅବସରରେ ବାଲେଶ୍ୱର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏକ ଐତିହ୍ୟ ଗଣଦୌଡ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କବିତୀର୍ଥ ଶାନ୍ତିକାନନ ପରିସରରୁ ଏହି ଗଣଦୌଡ ଆରମ୍ଭ ହୋଇଥିଲା। ରାଜ୍ୟ ଶାସକ ଦଳ ଉପମୁଖ୍ୟ ସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ ମୁଖ୍ୟଅତିଥି ଭାବେ ବ୍ୟାସକବି ଫକୀର ମୋହନ ସେନାପତିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ପତାକା ଦେଖାଇ ଏହି ଦୌଡର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ, ବାଲେଶ୍ୱର ପୌରାଧକ୍ଷା ସବିତା ସାହୁ, ଜିଲ୍ଲା କ୍ରୀଡା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ମନସ୍ୱିନୀ ରାଉତ ପ୍ରମୁଖ ଏଥିରେ ଯୋଗଦେଇ ଗଣଦୌଡରେ ସାମିଲ ହୋଇଥିବା ଯୁବଗୋଷ୍ଠୀଙ୍କୁ ଉତ୍ସାହିତ କରିଥିଲେ। ଏହି ଗଣଦୌଡ ଶାନ୍ତିକାନନରୁ ବାହାରି ଗଡ଼ଗଡ଼ିଆ ଛକ ଦେଇ ପୁନଃ ଶାନ୍ତିକାନନ ଠାରେ ସମାପନ ହୋଇଥିଲା।

### ପାରିବାରିକ କଳହରୁ ବିଷପିଇ ଯୁବକଙ୍କ ଆତ୍ମହତ୍ୟା ଘଟଣା

# ୧୮ ଘଣ୍ଟା ପରେ ଶବ ସତ୍କାର କଲା ପୁଲିସ

ସୋର, ୫।୪(ସମିସ)

ଅନନ୍ତପୁର ଥାନା ପୁରୁଷୋତ୍ତମପୁର ଗ୍ରାମରେ ପାରିବାରିକ କଳହରୁ ଜଣେ ଯୁବକ ବିଷପିଇ ଆତ୍ମହତ୍ୟା କରିଥିବା ଘଟଣାରେ ଶଶୁର ଘର ଲୋକେ ତାଙ୍କୁ ମାରିଦେଇଥିବା ଅଭିଯୋଗରେ ଗ୍ରାମବାସୀ ଶବ ଦାହ ନକରିବାରୁ ପୁଲିସ ଶବର ଅନ୍ତିମ ସଂସ୍କାର କରିଥିବା ଜଣାପଡ଼ିଛି। ଅନନ୍ତପୁର ଥାନା ପୁରୁଷୋତ୍ତମପୁର ଗ୍ରାମର ଧୁଷା ମଳିକ ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ପାରିବାରିକ କଳହ କାରଣରୁ ଧୁଷା ଗତ ଦୁଇଦିନ ତଳେ ବିଷ ପିଇ ଗୁରୁତର ଆହତ ହୋଇଥିଲେ। ପରିବାର ଲୋକେ ତାଙ୍କୁ ପ୍ରଥମେ ସୋର ଓ ପରେ ବାଲେଶ୍ୱର ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ସେଠାରେ ତାଙ୍କର ଅବସ୍ଥା ଶୋଚନୀୟ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଉଥିବା ବେଳେ ସୋର ଡାକ୍ତରଖାନାରେ ତାଙ୍କର ମୃତ୍ୟୁ ହୋଇଥିଲା। ଖବର ପାଇ ଅନନ୍ତପୁର ପୁଲିସ ଡାକ୍ତରଖାନାରେ ପହଞ୍ଚି ଶବ ଜବତ କରିବା ସହିତ ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ। ମାତ୍ର ଶବ ଗାଁରେ ପହଞ୍ଚିବା ପରେ ଗ୍ରାମବାସୀ ଧୁଷାଙ୍କୁ ହତ୍ୟା କରାଯାଇଥିବାର ଅଭିଯୋଗ କରିଥିଲେ। ମାତ୍ର ଦୋଷୀ ଧରାନହେବା ଯାଏଁ ଶବ ଦାହ ହେବନାହିଁ ବୋଲି ଦାବି କରିଥିଲେ। ଫଳରେ ଗତକାଲି ଅପରାହ୍ଣରୁ ଆଜି ମଧ୍ୟାହ୍ନ ପର୍ଯ୍ୟନ୍ତ ପ୍ରାୟ ୧୮ ଘଣ୍ଟା ଧରି ଶବର ଅନ୍ତିମ ସଂସ୍କାର ହୋଇପାରିନଥିଲା। ଅନନ୍ତପୁର ଥାନାଧିକାରୀ ସରୋଜ ଦାସ ଓ ସୋର ଥାନାଧିକାରୀ ମୁକୁନ୍ଦମୁରାରୀ ପାତ୍ର ଏବଂ ତଦନ୍ତକାରୀ ଅଧିକାରୀ ଏଏସଆଇ କୈଳାସ ପାତ୍ର ଘଟଣା ସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପରେ ପୁଲିସ ମୃତ ଧୁଶାର ଶବକୁ ଆଣି ତା ସ୍ତ୍ରୀ ଏବଂ ପିଲାଙ୍କ ଉପସ୍ଥିତିରେ ସୋର ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରି ଘଟଣାର ଅଧିକ ତଦନ୍ତ ଆରମ୍ଭ କରିଛି।

